

ଗୃହକର୍ତ୍ତାଙ୍କ ଉପସ୍ଥିତ ସତ୍ତ୍ୱେ ଯେଉଁ ଘରେ ମହିଳା କିମ୍ବା ବାଳକମାନଙ୍କର ଶାସନ ଚାଲେ, ସେପରି ପରିବାର ସହ ସମ୍ପର୍କ ରଖିଲେ ବିପଦର ସମ୍ଭାବନା ରହିଥାଏ।
- କୌଟିଲ୍ୟ ଚାଣକ୍ୟ



## ପୁରାତନ ମୂର୍ତ୍ତି ସଂରକ୍ଷଣ ପ୍ରତି ଏଏସ୍ଆଇର ନିଘା ନାହିଁ

# ଭଙ୍ଗା ଗୋଇଠିରେ ଯମୁନା ମୂର୍ତ୍ତି

**ପୁରୀ ଅଫିସ, ୧୧।୧୨**

ଶ୍ରୀମନ୍ଦିର ଏକ ପୁରାତନ କୀର୍ତ୍ତିରାଜି। ଏହାର ପ୍ରତିଟି ଅଂଶରେ ଐତିହ୍ୟ ଭରି ରହିଛି। ଏହା ପରିସରସ୍ଥ କୌଣସି ମନ୍ଦିର ହେଉ ଅବା ମୂର୍ତ୍ତିର ସୁରକ୍ଷା ଏବଂ ସଂରକ୍ଷଣ ଜରୁରୀ। ହେଲେ ଏହି ଦାୟିତ୍ୱରେ ଥିବା ଏଏସ୍ଆଇ ଅନେକ ସମୟରେ ଅବହେଳା କରୁଛି। ଫଳରେ ଅନେକ ମୂର୍ତ୍ତି ଭଗ୍ନ ଅବସ୍ଥାରେ ଥିଲେ ମଧ୍ୟ ତାହାର ସଂରକ୍ଷଣ କରାଯାଉ ନାହିଁ। ଏମିତି କି ଅନେକ ଜାଗାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପଥର ନଷ୍ଟ ହେଉଥିଲେ ମଧ୍ୟ ସେଠାରେ ସାଦା ପଥର ବସାଯାଉଛି। ବାଇଶପାହାଚ ଉପର ଗୁମୁଟରେ ଥିବା ଯମୁନା ମୂର୍ତ୍ତିର ଗୋଇଠି ଭାଙ୍ଗି ଅସୁନ୍ଦର ଲାଗୁଥିଲେ ମଧ୍ୟ ମରାମତି କରାଯାଉ ନାହିଁ। ଫଳରେ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଐତିହ୍ୟପ୍ରେମୀ।



ଯମୁନା ମୂର୍ତ୍ତିର ରେଖାଙ୍କିତ ଚିତ୍ର

ଶ୍ରୀମନ୍ଦିର ପରିସରରେ ବହୁ ମନ୍ଦିର ଅଛି। ଏଥିରେ ବିଭିନ୍ନ ଦେବଦେବୀ ଉପାସିତ ହେଉଛନ୍ତି। ଏହାବ୍ୟତୀତ ପାର୍ଶ୍ୱ ଦେବଦେବୀ ବି ରହିଛନ୍ତି। ଗୁମୁଟ ହେଉ କି ମେଘନାଦ ପାଚେରି ସବୁଠି ଭରି ରହିଛି ଐତିହ୍ୟ କୀର୍ତ୍ତିରାଜି। ଶ୍ରୀମନ୍ଦିରର କଳା, ସ୍ଥାପତ୍ୟ ଶ୍ରଦ୍ଧାଳୁଙ୍କୁ ବେଶ୍ ଆକର୍ଷିତ କରିଥାଏ। ହେଲେ ଧୀରେ ଧୀରେ ଅନେକ ମୂର୍ତ୍ତି ଭାଙ୍ଗିରୁଜି ନଷ୍ଟ ହେଉଥିଲେ ମଧ୍ୟ ଏହାର ସଂରକ୍ଷଣ କରାଯାଉ ନାହିଁ। ଠିକଣା ସମୟରେ ମରାମତି ହେଲେ ମୂର୍ତ୍ତିର ସୁରକ୍ଷା ଓ ସଂରକ୍ଷଣ କରାଯାଇପାରନ୍ତା। ମାତ୍ର ଦାୟିତ୍ୱରେ ଥିବା ଏଏସ୍ଆଇର ଅବହେଳା ଯୋଗୁ ଅନେକ ନଷ୍ଟ ହୋଇଯାଉଛି। ଯେମିତି ନଷ୍ଟ ହେବାକୁ ବସିଛି ବାଇଶପାହାଚ ଉପର ଗୁମୁଟରେ ଥିବା ଯମୁନା ମୂର୍ତ୍ତି। ଗୁମୁଟର ଦୁଇ ପାର୍ଶ୍ୱ ସ୍ତମ୍ଭରେ ମଗର ଓ କଚ୍ଛପ ବାହନରେ ଦଣ୍ଡାୟମାନ କରିଛନ୍ତି ଗଙ୍ଗା ଏବଂ ଯମୁନା ମୂର୍ତ୍ତି। ଏହି ପ୍ରସ୍ତର ମୂର୍ତ୍ତି ଦ୍ୱୟର ଉଚ୍ଚତା ପ୍ରାୟ ୩ ଫୁଟ ଲେଖାଏ ହେବ। ମୂର୍ତ୍ତି ଦ୍ୱୟ ଅତ୍ୟନ୍ତ କମନୀୟ ଓ ଅତି ପାଖରୁ ଦୃଶ୍ୟମାନ ହୋଇଥାଏ। ଏହା ଓଡ଼ିଶୀ ପାରମ୍ପରିକ ଶୈଳୀରେ ନିର୍ମିତ। ଏମାନଙ୍କ ମଧ୍ୟରୁ ଯମୁନା ମୂର୍ତ୍ତିର ଭଙ୍ଗୀରେ ଥିବା ଦକ୍ଷିଣ ପାଦର ଗୋଇଠି ଭାଙ୍ଗିଯାଇଛି। ଆଘାତଜନିତ ହେଉ ଅବା ଅନ୍ୟ କୌଣସି କାରଣରୁ ଏହା ଭାଙ୍ଗି ଯାଇଥିଲେ ମଧ୍ୟ ଏଏସ୍ଆଇ ମରାମତି କରୁନାହିଁ। ଏହାକୁ ନେଇ ଐତିହ୍ୟପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଓଡ଼ିଶା ଐତିହ୍ୟ ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ କହିଛନ୍ତି, ଗଙ୍ଗା ଯମୁନା ମୂର୍ତ୍ତି ବାଇଶପାହାଚ ଉପର ଗୁମୁଟର ଶୋଭାବର୍ଦ୍ଧନ କରୁଛନ୍ତି। ସୌନ୍ଦର୍ଯ୍ୟ ଦୃଷ୍ଟିକୋଣରୁ ଏମାନେ ବେଶ୍ ଗୁରୁତ୍ୱ ବହନ କରୁଛନ୍ତି। ଯମୁନା ମୂର୍ତ୍ତି ଗୋଇଠି ଭାଙ୍ଗିବା ଫଳରେ ଏହା ଦୁର୍ବଳ ହୋଇପଡ଼ିବା ସ୍ୱାଭାବିକ। ଭାଙ୍ଗିଯାଇଥିବା ସ୍ଥାନର ଉପର ଅଂଶ ଭାଙ୍ଗିଯାଇପାରେ। ତୁରନ୍ତ ମରାମତି କରା ନ ଗଲେ ନିକଟ ଭବିଷ୍ୟତରେ ଏହି ଐତିହ୍ୟ ସମ୍ପନ୍ନ କୀର୍ତ୍ତି ନଷ୍ଟ ହେବା ସମ୍ଭାବନା ରହିଛି। ଶ୍ରୀମନ୍ଦିରରେ ଅନେକ ମୂର୍ତ୍ତି ଏହିଭଳି ଅବସ୍ଥାରେ ରହିଥିଲେ ମଧ୍ୟ ଗଙ୍ଗା ଯମୁନା ମୂର୍ତ୍ତି ଅଳ୍ପ ଉଚ୍ଚରେ ରହିଥିବାରୁ ଭକ୍ତମାନଙ୍କ ନଜରକୁ ଆସିଥାଏ ବୋଲି ନନ୍ଦ କହିଛନ୍ତି। ଏ ସମ୍ପର୍କରେ ଏଏସ୍ଆଇର ଜଣେ ଅଧିକାରୀ କହିଛନ୍ତି, ଏହା ଆମ ନଜରକୁ ଆସି ନ ଥିଲା। ଏହାର ଅନୁଧ୍ୟାନ କରାଯାଇ ଖୁବ୍ ଶୀଘ୍ର ମରାମତି ଲାଗି ପଦକ୍ଷେପ ନିଆଯିବ।

# ଇଞ୍ଜେକଶନ୍ ନେଇ ଏକାଧିକ ରୋଗୀ ଅସୁସ୍ଥ

**ପୁରୀ ଅଫିସ, ୧୧।୧୨**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାର୍ଡରେ ବୁଧବାର ସକାଳେ ଇଞ୍ଜେକଶନ ନେବା ପରେ ଏକାଧିକ ରୋଗୀ ଅସୁସ୍ଥ ହୋଇପଡ଼ିଥିଲେ। ଇଞ୍ଜେକସନ୍ ନେବାର କିଛି ସମୟ ପରେ ରୋଗୀମାନଙ୍କ ମୁଣ୍ଡ ବୁଲାଇବା ସହ ସେମାନେ ବାନ୍ତି କରିଥିଲେ। ଜଣକ ପରେ ଜଣେ ରୋଗୀଙ୍କର ଏଭଳି ଅବସ୍ଥା ହୋଇଥିଲା। ତୁରନ୍ତ ସେମାନଙ୍କୁ ସାଲାଇନ ଦିଆଯିବା ସହ ଚିକିତ୍ସା କରାଯାଇଥିଲା। ଏହାପରେ ସେମାନେ ସୁସ୍ଥତା ଅନୁଭବ କରିଥିଲେ। ଜଣେ ରୋଗୀ କହିଛନ୍ତି, ସକାଳ ସାଢେ ୬ଟାରେ ଡ୍ୟୁଟିରେ ଥିବା ଜଣେ ନର୍ସ ଇଞ୍ଜେକଶନ ଦେଇଥିଲେ। ଏହାର ୧୦ ମିନିଟ୍ ପରେ ତାଙ୍କ ମୁଣ୍ଡ ବୁଲାଇ ହେବା ସହ ଚାରିଆଡ଼ ଅନ୍ଧାର ଦିଶିଥିଲା। ତେବେ ସଙ୍ଗେସଙ୍ଗେ ସାଲାଇନ ଦିଆଯିବାରୁ ସେ ସୁସ୍ଥ ହୋଇଥିଲେ। ଅନ୍ୟପକ୍ଷେ କେଉଁ କାରଣରୁ ଏଭଳି ଘଟଣା ଘଟିଲା, ଇଞ୍ଜେକଶନ୍‌ର ଏକ୍ସପାୟରୀ ତାରିଖ ଥିଲା କି ନାହିଁ, ଅଧିକ ଡୋଜ୍ କିମ୍ବା ଭୁଲ୍ ଇଞ୍ଜେକ୍ସନ ଦିଆଯାଇଥିଲା କି ଆଦି ନାନା ପ୍ରଶ୍ନ ଉଠିଥିବାବେଳେ ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ନେଇ ସିଡିଏମ୍‌ଓ ନୀଳକଣ୍ଠ ମିଶ୍ରଙ୍କ ମତାମତ ପାଇଁ ତାଙ୍କ ମୋବାଇଲ ଫୋନ୍ (ନଂ. ୯୪୩୯୯୯୪୭୧୦)କୁ କଲ୍ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

# ୬ ବର୍ଷ ହେବ ଗାଁରୁ ବାସନ୍ଦ ପରିବାର



ବୃଦ୍ଧ ଦମ୍ପତି ରାମଚନ୍ଦ୍ର ଓ ସ୍ୱର୍ଣ୍ଣଲତା।

## ଅଭିଯୋଗସତ୍ତ୍ୱେ ପ୍ରଶାସନ ନୀରବ

**ଗୋପ,୧୧।୧୨(ଡି.ଏନ.ଏ.)**

ଗୋପ ଥାନା ଅଧୀନ ଦେସ୍ଥଳୀ ଗ୍ରାମର ରାମଚନ୍ଦ୍ର ଦାସ (୭୨) ଜମିଜମା ବିବାଦ କାରଣକୁ ନେଇ ଗତ ଛଅ ବର୍ଷ ହେବ ସମ୍ପୂର୍ଣ୍ଣ ପରିବାରକୁ ବାସନ୍ଦ କରାଯାଇଛି। ଏ ନେଇ ଥାନାଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ରାମଚନ୍ଦ୍ର ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସମସ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି। ଫଳରେ ବୃଦ୍ଧ ଦମ୍ପତି ରାମଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା (୫୮) ବହୁ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ଦେସ୍ଥଳୀ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଏପରି ବାସନ୍ଦକୁ ପୂର୍ବରୁ ସମାଧାନ ହୋଇଯାଇଥିବା କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୩ରେ ସ୍ଥାନୀୟ ଏକ ମନ୍ଦିରର ଜମିଜମାକୁ ନେଇ ରାମଚନ୍ଦ୍ର ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହି ବିବାଦର ସମାଧାନ ନ ହେବାରୁ ଗ୍ରାମବାସୀ ରାମଚନ୍ଦ୍ରଙ୍କ ପରିବାରକୁ ବାସନ୍ଦ କରିବା ସହ ଗାଁରେ ହେଉଥିବା ପୂଜା ପାର୍ବଣ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ କରି ନ ଥିଲେ। ଏପରିକି ରାମଚନ୍ଦ୍ରଙ୍କର ଜମିକୁ ଗାଁର ଯେଉଁମାନେ ଚାଷ କରୁଥିଲେ ସେମାନଙ୍କୁ ମଧ୍ୟ କୌଣସି କାର୍ଯ୍ୟରେ ସାମିଲ କରାଯାଉ ନ ଥିଲା। ବାସନ୍ଦ ରାମଚନ୍ଦ୍ରଙ୍କର ତିନି ପୁଅ ଗାଁ ଛାଡ଼ି ଏବେ ବାହାରେ ରହୁଥିବାବେଳେ ବୃଦ୍ଧ ଦମ୍ପତି ଦେସ୍ଥଳୀ ଗାଁ ନିକଟ ସ୍ଥାନରେ ରହୁଛନ୍ତି। ଗତ ସପ୍ତାହରେ ନୟାହାଟ ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ବାସନ୍ଦ ଘଟଣାର ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ରାମଚନ୍ଦ୍ର ଏହି ବାସନ୍ଦକୁ ନେଇ ମାନବାଧିକାର କମିଶନର, ଜିଲାପାଳ ପୁରୀ, ଜିଲା ଏସ୍‌ପି, ଗୋପ ଥାନା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସବୁ ଚୁପ ହୋଇରହିଯାଇଛନ୍ତି। ୨୦୧୫ରେ ତତ୍କାଳୀନ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ ୨୫୬୯ ରେ ତୁରନ୍ତ ଏପରି ସମସ୍ୟାକୁ ସମାଧାନ ପାଇଁ ଗୋପ ଥାନାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବା ଦୁଃଖର ସହ ବୃଦ୍ଧ ରାମଚନ୍ଦ୍ର କହିଛନ୍ତି। ଏ ସମ୍ପର୍କରେ ଦେସ୍ଥଳୀ ଗ୍ରାମର ହୃଷୀକେଶ ବାରିକ, ଚଗଲି ନାୟକ କୁହନ୍ତି, ବାସନ୍ଦ ପ୍ରଥାକୁ ନେଇ ଯେଉଁ ଅଭିଯୋଗ ହୋଇଛି ତାହା ମିଥ୍ୟା ଅଟେ। ନୟାହାଟ ଫାଣ୍ଡି ଅଧିକାରୀ ସାହୁ କହନ୍ତି, ସମାଧାନ ପାଇଁ ଏବେ ବି ଉଦ୍ୟମ ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ।




With best compliments from :-

ASMACS
SKILL DEVELOPMENT LTD

With best compliments from :-

BIKASH RANJAN DASH
Director

NIRAKAR SECURITY & CONSULTANCY SERVICE PVT. LTD.
Room No. 102, Barabati Stadium,
Cuttack - 753 005 (Odisha)
Phone: 0671-2301631 (O), Cell : 9437083394

With best compliments from :-



SURYA NARAYAN PATRA
Speaker
Odisha Legislative Assembly

With best compliments from :-



GEETA MEMORIAL HOSPITAL
Jobra, Cuttack

With best compliments from :-

AMFI
ASSOCIATION OF MUTUAL FUNDS IN INDIA



Name:- SABYASACHI MISHRA
Code : ARN-102686
EUIN : E129406
Valid from : 26 May 2018 to 25 May 2021
Address : N-3-401, IRC Village,
Nayapalli, Bhubaneswar, India- 751015
Tel (O) : +91 9776847797

AMFI REGISTERED MUTUAL FUND DISTRIBUTOR



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ତଥା ଜନ୍ମବାର୍ଷିକ ଅବସରରେ ଧରିତ୍ରୀର ପରିବାରବର୍ଗ ଓ ସମ୍ପାଦକଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।

ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ । ସମଗ୍ର ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ପ୍ରୟାସ ଓ ଉଦ୍ୟମ ଜାରି ରହିଛି । ଶିକ୍ଷାର ବିକାଶ କ୍ଷେତ୍ରରେ ଆମ ରାଜ୍ୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ସଂଗଠନ, ସମସ୍ତ ଜନସାଧାରଣଙ୍କର ସାହାଯ୍ୟ, ସହଯୋଗ ଆମର ଏକାନ୍ତ କାମ୍ୟ । ଆମେ ସମସ୍ତେ ସଂକଳ୍ପ ନେବା, ଆମ ରାଜ୍ୟରେ ଶିକ୍ଷାର ନନ୍ଦିଘୋଷ ରଥକୁ ଆଗେଇନେବା ।



ଶୁଭେଚ୍ଛା ସହ:
ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ (ଓଡ଼ିଶା)

**ଝାଡ଼ଖଣ୍ଡରେ ତୃତୀୟ ପର୍ଯ୍ୟାୟ ଭୋଟ ଆଜି**

ଝାଡ଼ଖଣ୍ଡ ବିଧାନସଭା ଲାଗି ପାଞ୍ଚ ପର୍ଯ୍ୟାୟରେ ନିର୍ବାଚନ କରାଯାଉଥିବାବେଳେ ଗୁରୁବାର ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏଥିଲାଗି ପ୍ରସ୍ତୁତି ଶେଷ ହେବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପର୍ଯ୍ୟାୟରେ ୧୭ଟି ଆସନ ଲାଗି ମତଦାନ କରାଯାଉଥିବାବେଳେ ମଇଦାନରେ ୩୨ ମହିଳାଙ୍କ ସହ ୩୦୯ ପ୍ରାର୍ଥୀ ଅଛନ୍ତି।



ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ: ଗୁଆହାଟୀରେ ବିକ୍ଷୋଭକାରୀଙ୍କ ପୋଡ଼ାଜଳା।



ଅଗରତାଲାରେ ଏନ୍ଇଏସ୍‌ଓର ବନ୍ଦ ପାଳନ ବେଳେ ବିକ୍ଷୋଭକାରୀ ଅଟକ।

## ସୁପ୍ରିମକୋର୍ଟରେ ନିର୍ଦ୍ଧାରଣ ହେବ ନାଗରିକତ୍ୱ ଆଇନର ଭାଗ୍ୟ

# ଚ୍ୟାଲେଞ୍ଜ୍ କରିବ କଂଗ୍ରେସ

ନୂଆଦିଲ୍ଲୀ,୧୧।୧୨(ପି.ଟି.)

କାମ ଦେଲାନି ବିରୋଧୀଙ୍କ ବିରୋଧ। ଲୋକ ସଭା ପରେ ରାଜ୍ୟ ସଭାରେ ଗୃହୀତ ହୋଇଛି ନାଗରିକତ୍ୱ ସଂଶୋଧନ ବିଲ୍। ଏହା ଆଇନରେ ପରିଣତ ହେବା ପାଇଁ କେବଳ ରାଷ୍ଟ୍ରପତିଙ୍କ ଅନୁମୋଦନକୁ ଅପେକ୍ଷା। ତେବେ ଏହି ବିବାଦୀୟ ବିଲ୍ ସାମ୍ନାରୁ ପ୍ରତିବନ୍ଧକ ଦୂର ହୋଇନାହିଁ। କାରଣ କଂଗ୍ରେସ ଖୁବ୍ ଶୀଘ୍ର ଏହାର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଯାଉଛି।

୮ ଘଣ୍ଟାର ବିତର୍କ ପରେ ରାଜ୍ୟ ସଭାରେ ଗୃହୀତ ହୋଇଛି ବହୁଚର୍ଚ୍ଚିତ ନାଗରିକତ୍ୱ ସଂଶୋଧନ ବିଲ। ଏହି ବିଧେୟକ ସପକ୍ଷରେ ଭାଜପା ସମେତ ସଂଯୁକ୍ତ ଜନତା ଦଳ (ଜେଡିୟୁ), ଶିରୋମଣି ଅକାଳୀ ଦଳ, ଏଆଇଏଡିଏମ୍‌କେ, ଏଲ୍‌ଜେପି ସଦସ୍ୟ ଭୋଟ ଦେଇଛନ୍ତି।



ବିଲ୍ ପାସ୍ ହେବାପରେ ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି ବରିଷ୍ଠ କଂଗ୍ରେସ ନେତା ପି.ଚିଦାମ୍ବରମ।

ସେହିପରି ଅଣଏନ୍‌ଡିଏ ଦଳ ଭାବେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ୱାଇଏସ୍‌ଆର୍‌ସିପି ଏବଂ ବିଜେଡିର ମଧ୍ୟ ସମର୍ଥନ ପାଇଛନ୍ତି ମୋଦି ସରକାର। ଅନ୍ୟପକ୍ଷରେ କଂଗ୍ରେସ, ଏନ୍‌ସିପି, ଟିଏମ୍‌ସି, ଡିଏମ୍‌କେ ଏହାକୁ ବିରୋଧ କରିଛନ୍ତି। ଶିବସେନାର ୩ ସଦସ୍ୟଙ୍କ କକ୍ଷତ୍ୟାଗ ଓ ଅନ୍ୟ ୭ ସଦସ୍ୟ ମତଦାନରୁ ବିରତ ରହିବା ପରେ ବିଲ୍‌କୁ ଗୃହୀତ କରାଇବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଅସୁବିଧା ହୋଇ ନ ଥିଲା। ପ୍ରସ୍ତାବିତ ଆଇନାନୁସାରେ ଧାର୍ମିକ ଅତ୍ୟାଚାରର ଶିକାର ହୋଇ ପାକିସ୍ତାନ, ବାଂଲାଦେଶ ଓ ଆଫ୍‌ଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଭାରତରେ ଶରଣାର୍ଥୀ ଭାବେ ପରିଗଣିତ ହେବେ ନାହିଁ। ସେମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରାଯିବ। ପାର୍ଲାମେଣ୍ଟରେ ବିଲ୍ ଗୃହୀତ ହେବା ପରେ ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭୀ କହିଛନ୍ତି, ନାଗରିକତ୍ୱ ସଂଶୋଧନ ବିଲ୍ ସାମ୍ବିଧାନିକତା ଦୃଷ୍ଟିରୁ ଅତ୍ୟନ୍ତ ସନ୍ଦେହଜନକ। ତେଣୁ ଏହାକୁ ନିକଟ ଭବିଷ୍ୟତରେ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯିବ। ସେହିପରି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ମଧ୍ୟ ଅନୁରୂପ ସଙ୍କେତ ଦେଇଛନ୍ତି। ଏହାକୁ ରଦ୍ଦ କରାଇବା ପାଇଁ କଂଗ୍ରେସ ସମସ୍ତ ବିକଳ୍ପ ସନ୍ଧାନ କରିବ ବୋଲି ସେ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଏହି ବିଲ୍ ସମ୍ବିଧାନର ମୌଳିକ ଧାରଣା ଉପରେ ଏକ ଖୋଲା ଆକ୍ରମଣ ବୋଲି ଅଭିହିତ କରିଥିଲେ। ଏହାସହ ଏହି ଆଇନର ଭାଗ୍ୟ ସୁପ୍ରିମକୋର୍ଟରେ ନିର୍ଦ୍ଧାରଣ ହେବ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ମୁଖପାତ୍ର ମନୀଷ ତିୱାରୀ ବିଲ୍‌କୁ ଅସାମ୍ବିଧାନିକ ଭାବେ ଅଭିହିତ କରିବା ସହ ତାଙ୍କ ଦଳ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ ଅନୁସାରେ ଧର୍ମ ଆଧାରରେ କୌଣସି ନାଗରିକଙ୍କ ପ୍ରତି ଭେଦଭାବ କରାଯାଇପାରିବ ନାହିଁ। ତେଣୁ ଏହି ବିଲ୍ ସମାନତା ଅଧିକାରର ଉଲ୍ଲଂଘନ କରୁଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ନାଗରିକତ୍ୱ ସଂଶୋଧନ ବିଲ୍ କ'ଣ

ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ରହିଥିବା ଅଣମୁସଲମାନ ଶରଣାର୍ଥୀ ଅର୍ଥାତ୍ ହିନ୍ଦୁ, ଶିଖ୍, ପାର୍ସୀ, ବୌଦ୍ଧ ଓ ଖ୍ରୀଷ୍ଟିୟାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିବା ନାଗରିକତ୍ୱ (ସଂଶୋଧନ) ବିଲ୍ (ସିଏବି)ର ଉଦ୍ଦେଶ୍ୟ। ପୂର୍ବରୁ ନାଗରିକତ୍ୱ ପାଇବା ଲାଗି ଭାରତରେ ଅନ୍ୟୁନ ୧୧ ବର୍ଷ ରହିବା ଆବଶ୍ୟକ ହେଉଥିବାବେଳେ ନୂଆ ବିଲ୍‌ରେ ଏହି ସମୟସୀମାକୁ ୫ ବର୍ଷକୁ ହ୍ରାସ କରାଯାଇଛି।

## କେଉଁମାନେ ଯୋଗ୍ୟ

ଧର୍ମ ଆଧାରରେ ଦେଶ ଛାଡ଼ିବାକୁ ବାଧ୍ୟହୋଇ ଭାରତର ଶରଣ ନେଇଥିବା ଅଣମୁସଲମାନଙ୍କ କ୍ଷେତ୍ରରେ ଏହି ବିଲ୍ ଲାଗୁ ହେବ। ସେମାନେ ୨୦୧୪ ଡିସେମ୍ବର ୩୧ କିମ୍ବା ଏହା ପୂର୍ବରୁ ଭାରତ ଆସିଥିବେ। ବର୍ତ୍ତମାନର ଆଇନ ଅନୁସାରେ ଯେଉଁମାନେ ଭାରତରେ ଜନ୍ମ ହୋଇଥିବେ କିମ୍ବା ଅନ୍ୟୁନ ୧୧ ବର୍ଷ ଏଠାରେ ରହିଥିବେ ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯାଉଛି।

## ସରକାରଙ୍କ ଯୁକ୍ତି

କେନ୍ଦ୍ର ସରକାରଙ୍କ ଯୁକ୍ତି ହେଲା ମୁସଲମାନ ବହୁଳ ପଡୋଶୀ ଦେଶରେ ସଂଖ୍ୟାଲଘୁମାନେ ନିର୍ଯାତିତ ହେଉଛନ୍ତି। ତେବେ ଏହା ତର୍କସଙ୍ଗତ ନୁହେଁ, କାରଣ ଏହା ସମସ୍ତ ଧର୍ମୀୟ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେଉନାହିଁ, କିମ୍ବା ସବୁ ପଡୋଶୀଙ୍କ କ୍ଷେତ୍ରରେ ଲାଗୁ ହେଉନାହିଁ। ଅହମଦିଆ ମୁସଲମାନ ଏବଂ ଶିହାମାନେ ପାକିସ୍ତାନରେ ପକ୍ଷପାତିତାର ସମ୍ମୁଖୀନ ହେଉଛନ୍ତି। ସେହିପରି ବର୍ମାରେ ରୋହିଙ୍ଗ୍ୟା ଏବଂ ଶ୍ରୀଲଙ୍କାରେ ହିନ୍ଦୁ ଓ ଖ୍ରୀଷ୍ଟିୟାନ ତାମିଲମାନେ ନିର୍ଯାତିତ ହେଉଛନ୍ତି। ସରକାରଙ୍କ କହିବା ହେଲା ମୁସଲମାନମାନେ ଇସଲାମୀୟ ରାଷ୍ଟ୍ରର ଶରଣ ନେଇପାରିବେ।

## ଏହା ବିଭାଜନ ଭଳି କି?

କଂଗ୍ରେସ ଧର୍ମ ଆଧାରରେ ଦେଶ ବିଭାଜନ ପାଇଁ ରାଜି ହୋଇ ନ ଥିଲେ, ଏହି ବିଲ୍ ଆଣିବା ଆବଶ୍ୟକ ନ ଥିଲା ବୋଲି ଅମିତ୍ ଶାହା କହିଛନ୍ତି। ତେବେ ଧର୍ମ ଆଧାରରେ ଭାରତ ନୁହେଁ, ପାକିସ୍ତାନ ସୃଷ୍ଟି ହୋଇଥିଲା। କେବଳ ମୁସଲିମ୍ ଲିଗ୍ ଓ ହିନ୍ଦୁ ଅଧିକାର ସଂଗଠନ ହିନ୍ଦୁ ଓ ମୁସଲମାନ ରାଷ୍ଟ୍ର ସୂତ୍ର କଥା କହିଥାନ୍ତି। ତେବେ ଭାରତକୁ ଧର୍ମନିରପେକ୍ଷ ରାଷ୍ଟ୍ର କରିବା ପାଇଁ ସମ୍ବିଧାନ ପ୍ରଣେତାମାନେ ପ୍ରତିବଦ୍ଧ ଥିଲେ, ଯେଉଁଠି ସବୁ ଧର୍ମର ଲୋକଙ୍କୁ ପୂର୍ଣ୍ଣ ସଦସ୍ୟତା ମିଳିବ। ସରକାରଙ୍କ ଯୁକ୍ତି ଆଫଗାନିସ୍ତାନ ପାଇଁ ପ୍ରଯୁଜ୍ୟ ନୁହେଁ, କାରଣ ଭାରତ ବିଭାଜନ ପୂର୍ବରୁ ଏହା ତା'ର ଅଂଶବିଶେଷ ନ ଥିଲା।

## ବିଲ୍‌ରେ ବ୍ୟତିକ୍ରମ

ସିଏବି ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ଆସୁଥିବା ସ୍ୱୟଂକ୍ରିୟ ଆଦିବାସୀ ବହୁଳ ଅଞ୍ଚଳ ଆସାମ, ମେଘାଳୟ, ତ୍ରିପୁରା, ମିଜୋରାମ ପାଇଁ ଲାଗୁ ହେବ ନାହିଁ। ସେହିପରି ଇନର-ଲାଇନ ପରମିଟ୍ ଅଞ୍ଚଳ (ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ ଓ ମିଜୋରାମ)ରେ ମଧ୍ୟ ଏହା ଲାଗୁ ହେବନି।

## ଏନ୍‌ଆର୍‌ସି ସହ ସମାନ ନୁହେଁ ସିଏବି

ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ସହ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ସମାନ ନୁହେଁ। କାରଣ ଏନ୍‌ଆର୍‌ସି ଆସାମରେ ବେଆଇନ ଭାବେ ରହୁଥିବା ବିଦେଶୀଙ୍କୁ ଟାର୍ଗେଟ କରି ଅଣାଯାଇଛି। ଏନ୍‌ଆର୍‌ସିରେ ରହିବାକୁ ହେଲେ ଜଣେ ବ୍ୟକ୍ତି କିମ୍ବା ପୂର୍ବଜ ୧୯୭୧ ମାର୍ଚ୍ଚ ୨୪ କିମ୍ବା ଏହା ପୂର୍ବରୁ ଆସାମରେ ରହିଥିବା ଆବଶ୍ୟକ। ଏନ୍‌ଆର୍‌ସିକୁ ଦେଶର ଅନ୍ୟ ଭାଗକୁ ସମ୍ପ୍ରସାରଣ କରାଯାଇପାରିବ। କିନ୍ତୁ ସିଏବି ସେଭଳି ନୁହେଁ।

## ବିରୋଧ କାହିଁକି

ସିଏବିରେ ଅଣମୁସଲମାନଙ୍କୁ ନାଗରିକତ୍ୱ ମିଳିବା ବ୍ୟବସ୍ଥା ଥିବାରୁ ଭାରତ ଅନ୍ୟ ସବୁ ଧର୍ମର ଲୋକଙ୍କୁ ଶରଣାର୍ଥୀ ଭାବେ ସ୍ୱାଗତ କରୁଥିବା ସ୍ପଷ୍ଟ ହୋଇଯାଇଛି। ଏହା ସମ୍ବିଧାନର ଅନୁଚ୍ଛେଦ ୧୪ର ଉଲ୍ଲଂଘନ କରୁଛି। ଅନୁଚ୍ଛେଦ ୧୪ରେ ସମସ୍ତଙ୍କୁ ସମାନତା ମୌଳିକ ଅଧିକାର ଭାବେ ଗ୍ରହଣ କରାଯାଇଛି। ସମ୍ବିଧାନର ଏହି ମୂଳ ଢାଞ୍ଚାକୁ ପାର୍ଲାମେଣ୍ଟ ବଦଳାଇପାରିବ ନାହିଁ। ହେଲେ ସରକାର ପକ୍ଷପାତ କରୁ ନ ଥିବା କିମ୍ବା ସମାନତା ଅଧିକାରର ଉଲ୍ଲଂଘନ କରୁ ନ ଥିବା କଥା କହୁଛନ୍ତି, ଯାହାକୁ ନେଇ ବିବାଦ ଦେଖାଦେଇଛି।




ଚେନ୍ନାଇରେ ମାଡ୍ରାସ୍ ୟୁନିଭର୍ସିଟି ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

## ସ୍ୱାଗତ କଲେ ପାକିସ୍ତାନୀ ହିନ୍ଦୁ

ନାଗରିକତ୍ୱ ସଂଶୋଧନ ବିଲ୍ ରାଜ୍ୟ ସଭାରେ ଗୃହୀତ ହେବାପରେ ଦିଲ୍ଲୀରେ ଥିବା ପାକିସ୍ତାନୀ ହିନ୍ଦୁମାନେ ସ୍ୱାଗତ କରିଛନ୍ତି। ବିଲ୍ ଉପରେ ବିତର୍କ ଚାଲିଥିବାବେଳେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା। କେତେକେ ରେଡିଓ ପାଖରେ ଭିଡ଼ ଜମାଇଥିବାବେଳେ ଅନ୍ୟମାନେ ସେମାନଙ୍କ ଫୋନ୍‌ରେ ବିଲ୍ ଗୃହୀତ ହେବା ସମ୍ପର୍କରେ ଖବର ଜାଣିବା ପାଇଁ ଉଦ୍ୟମ ଚଳାଇଥିଲେ। ପାକିସ୍ତାନରୁ ପଳାଇ ଆସିଥିବା ପାଖାପାଖି ୭୫୦ ହିନ୍ଦୁ ଦିଲ୍ଲୀର ମଜ୍ନୁ କା ଟିଲାରେ ଅସ୍ଥାୟୀ ଘରେ ଶରଣାର୍ଥୀ ଭାବେ ରହିଛନ୍ତି। ଅନ୍ୟମାନେ ରୋହିଣୀ ସେକ୍ଟର ୯ ଏବଂ ୧୧, ଆଦର୍ଶ ନଗର ଓ ସିଗ୍‌ନେଚର ବ୍ରିଜ୍ ନିକଟରେ ରହୁଛନ୍ତି।



ଗୁଆହାଟୀରେ ପୋଲିସ-ବିକ୍ଷୋଭକାରୀ ଖଣ୍ଡଯୁଦ୍ଧ।

## ଚାକିରି ଛାଡ଼ିଲେ ବରିଷ୍ଠ ଆଇପିଏସ୍ ଅଧିକାରୀ

ରାଜ୍ୟ ସଭାରେ ନାଗରିକତ୍ୱ ସଂଶୋଧନ ବିଲ୍, ୨୦୧୯ ଗୃହୀତ ହେବା ପରେ ଏହାର ପ୍ରତିବାଦରେ ଚାକିରି ଛାଡ଼ିଛନ୍ତି ମହାରାଷ୍ଟ୍ରର ବରିଷ୍ଠ ଆଇପିଏସ୍ ଅଧିକାରୀ ଅବ୍ଦୁର ରହମନ। ଏହି ବିଲ୍ ବିରୋଧରେ ଖୋଲାଖୋଲି ଭାବେ ବିକ୍ଷୋଭ କରିବା ପାଇଁ ସେ ଇସ୍ତଫା ଦେଇଥିବା ଜଣାପଡ଼ିଛି। ସେ କହିଛନ୍ତି, ମୁଁ ବ୍ୟକ୍ତିଗତ କାରଣରୁ ଆଇଜିପି ପାହ୍ୟା ଅଧିକାରୀ ପଦ ଛାଡ଼ିଥିବା ମୋ ଇସ୍ତଫାପତ୍ରରେ ଉଲ୍ଲେଖ କରିଛି। ତେବେ ମୋ ନିଷ୍ପତ୍ତି ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଛି।



ଅବ୍ଦୁର ରହମନ

## ଶାହାଙ୍କୁ ଘେରିଲେ ବିରୋଧୀ: ପ୍ରସାରଣ ବନ୍ଦ କଲା ଆର୍‌ଏସ୍‌ଟିଭି

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ରାଜ୍ୟ ସଭାରେ ନାଗରିକତ୍ୱ (ସଂଶୋଧନ) ବିଲ୍ ଆଲୋଚନା ବେଳେ ବିରୋଧୀ ଦଳର ସଦସ୍ୟମାନେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉପରେ ବର୍ଷିବାରୁ ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭା ଟିଭି (ଆର୍‌ଏସ୍‌ଟିଭି) ସାମୟିକ ଭାବେ ଏହାର ପ୍ରସାରଣ ବନ୍ଦ କରିଦେଇଥିଲା। ଭାଜପା ସରକାର ଆସାମବାସୀଙ୍କ ଅଧିକାରର ସୁରକ୍ଷା କରିବେ ବୋଲି ଶାହା କହିବା ବେଳେ ବିରୋଧୀମାନେ ଏହାର ଜୋର୍‌ଦାର ବିରୋଧ କରିଥିଲେ। ବିଶୃଙ୍ଖଳା ନ କରିବାକୁ ଭେଙ୍କାୟା ବିରୋଧୀ ସଦସ୍ୟମାନଙ୍କୁ ଚେତାବନୀ ଦେଇଥିଲେ। ବିରୋଧୀ ସଦସ୍ୟଙ୍କ ବିବୃତିକୁ ରେକର୍ଡ ନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜ୍ୟ ସଭା ଟିଭି ଏହାର ସିଧା ପ୍ରସାରଣ ବନ୍ଦ କରିଦେଇଥିଲା। ଏଥିପାଇଁ ଭେଙ୍କାୟା ରେଡ୍‌ଲାଇଟ ବଟନ ଦବାଇଥିଲେ ବୋଲି ଆର୍‌ଏସ୍‌ଟିଭି ସୂତ୍ରରୁ ଜଣାପଡିଛି।



## ହାଫିଜ୍ ଦୋଷୀ ସାବ୍ୟସ୍ତ

ଲାହୋର,୧୧।୧୨(ପି.ଟି.)

ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନ ଜେୟୁଡି ମୁଖ୍ୟ ହାଫିଜ୍ ସୟିଦଙ୍କୁ ପାକିସ୍ତାନର ଆତଙ୍କବାଦ ନିରୋଧୀ ଅଦାଲତ ବୁଧବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଆତଙ୍କବାଦକୁ ନେଇ ପାକିସ୍ତାନ ଉପରେ ଅନ୍ତର୍ଜାତୀୟ ଚାପ ବଢୁଥିବାବେଳେ ହାଫିଜ୍ ଓ ତାଙ୍କର ୩ ସହଯୋଗୀ ହାଫିଜ୍ ଅବଦୁଲ ସଲାମ୍ ବିନ୍ ମହମ୍ମଦ, ମହମ୍ମଦ ଅଶ୍ରଫ ଓ ଜାଫର ଇକ୍‌ବାଲଙ୍କୁ ଟେରର୍ ଫାଇନାନ୍ସିଂ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି।



## ଅଯୋଧ୍ୟା ରିଭ୍ୟୁ ପିଟିଶନର ଶୁଣାଣି ଆଜି

ନୂଆଦିଲ୍ଲୀ,୧୧।୧୨

ନଭେମ୍ବର ୯ରେ ବହୁଚର୍ଚ୍ଚିତ ଅଯୋଧ୍ୟା ଜମି ବିବାଦର ରାୟ ରାମମନ୍ଦିର ନିର୍ମାଣ ସପକ୍ଷରେ ସୁପ୍ରିମକୋର୍ଟ ଦେବା ସହ ମସ୍‌ଜିଦ ନିର୍ମାଣ ଲାଗି ୫ ଏକର ଜମି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ବିରୋଧ କରି ସର୍ବୋଚ୍ଚ ଅଦାଲତରେ ଦାଖଲ କରାଯାଇଥିବା ୧୮ ରିଭ୍ୟୁ ପିଟିଶନର ଶୁଣାଣି ଗୁରୁବାର ଚାମ୍ବରରେ କରାଯିବ। ସୁପ୍ରିମକୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ଏହାର ଶୁଣାଣି ଗୁରୁବାର ଅପରାହ୍ନ ୧ଟା ୪୦ରେ କରିବେ। ଜଷ୍ଟିସ ଗୋଗୋଇଙ୍କ ଅବସର ପରେ ଖଣ୍ଡପୀଠରେ ଜଷ୍ଟିସ ସଞ୍ଜୀବ ଖାନ୍ନା ସାମିଲ ହୋଇଛନ୍ତି। ୧୮ ରିଭ୍ୟୁ ପିଟିାନ ମଧ୍ୟରୁ ୯ଟି ତୃତୀୟ ପକ୍ଷ ଦାଖଲ କରିଥିବା ଜଣାପଡ଼ିଛି।

## ୧୪ରେ କଂଗ୍ରେସର ଭାରତ ବଚାଓ ରାଲି

**ନୂଆଦିଲ୍ଲୀ,୧୧।୧୨(ପି.ଟି.):** ଆର୍ଥିକ ମାନ୍ଦାବସ୍ଥା ଓ କୃଷକଙ୍କ ସମସ୍ୟାକୁ ନେଇ କଂଗ୍ରେସ ୧୪ରେ 'ଭାରତ ବଚାଓ ରାଲି' ଆୟୋଜନ କରୁଛି। ଏଥିରେ ଲୋକଙ୍କ ବାସ୍ତବ ପ୍ରସଙ୍ଗକୁ ଉପସ୍ଥାପନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

[ଇତିହାସର ଆଇନାରେ]

### ଡିସେମ୍ବର ୧୨ର ପ୍ରମୁଖ ଘଟଣା

୧୯୭୯ ଡିସେମ୍ବର ୧୨ରେ କଲମ୍ବିଆ ଓ ଇକ୍ୱୋଡରରେ ଭୟଙ୍କର ଭୂକମ୍ପ ହୋଇଥିଲା। ଏଥିରେ ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

୧୯୮୮ ଡିସେମ୍ବର ୧୨ରେ ବ୍ରିଟେନର କ୍ଲାପ୍‌ହମ ଜଙ୍କଶନରେ ରେଳ ଦୁର୍ଘଟଣା ଘଟି ୩୫ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ।

## ମା'ବାପାଙ୍କୁ ହଇରାଣ କଲେ ୬ ମାସ ଜେଲ୍

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ମାତାପିତା କିମ୍ବା ବରିଷ୍ଠ ନାଗରିକଙ୍କୁ ଖରାପ ବ୍ୟବହାର ଦେଖାଇଲେ ୬ ମାସ ଜେଲ୍ କିମ୍ବା ୧୦ ହଜାର ଟଙ୍କା ଜରିମାନା ବା ଉଭୟ ଦଣ୍ଡ ଭୋଗିବାକୁ ପଡିବ। ଏନେଇ ଲୋକ ସଭାରେ ବୁଧବାର ବିଲ୍ ଆଗତ ହୋଇଛି। ମାତାପିତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ (ସଂଶୋଧନ) ବିଲ୍, ୨୦୧୯କୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥୱରଚାନ୍ଦ ଗେହଲଟ ଗୃହରେ ଉପସ୍ଥାପନ କରିଥିଲେ। ବିଲ୍ ଅନୁଯାୟୀ ବରିଷ୍ଠ ନାଗରିକ ଭରଣପୋଷଣ ପାଇଁ ଦାବି କରିପାରିବେ ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ କେୟାର ହୋମ୍ ଓ ଅନ୍ୟ ଅନୁଷ୍ଠାନଗୁଡିକର ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ବିଲ୍‌ରେ ଦୁର୍ବ୍ୟବହାରର ସଂଜ୍ଞା ଉଭୟ ଶାରୀରିକ, ଶାବ୍ଦିକ, ଭାବାତ୍ମକ ନିର୍ଯାତନା ଏବଂ ଆର୍ଥିକ ଶୋଷଣ ବୋଲି କୁହାଯାଇଛି। ସେହିପରି ପିଲା ଅର୍ଥ ମାତାପିତା ବା ବରିଷ୍ଠ ନାଗରିକଙ୍କ ଜନ୍ମିତ ଝିଅପୁଅ, ପୋଷ୍ୟ ସନ୍ତାନ କିମ୍ବା ସାବତ ସନ୍ତାନ, ବୋହୂ, ଜ୍ୱାଇଁ, ନାତିନାତୁଣୀ ଓ ନାବାଳକ ପିଲାଙ୍କ ଆଇନଗତ ଅଭିଭାବକଙ୍କୁ ବୁଝାଇବ। ନିର୍ଯାତନାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ଲାଗି ଟ୍ରିବ୍ୟୁନାଲ ଗଠନ ହେବ। ସେମାନେ ଭରଣପୋଷଣ ଓ ସହାୟତା ପାଇଁ ସେଠାରେ ଆବେଦନ କରିପାରିବେ। ୮୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ କ୍ଷେତ୍ରରେ ଅଭିଯୋଗର ସମାଧାନ ୬୦ ଦିନରେ ସମ୍ପୂର୍ଣ୍ଣ କରିବା ଲାଗି ବିଲ୍‌ରେ ବ୍ୟବସ୍ଥା ରହିଛି। କୌଣସି ଅସାଧାରଣ କାରଣ ପାଇଁ ଟ୍ରିବ୍ୟୁନାଲ ଚାହିଁଲେ ଏହି ସମୟସୀମା ମାତ୍ର ଥରେ ସର୍ବାଧିକ ୩୦ଦିନ ପାଇଁ ବଢ଼ାଇପାରିବେ।



**ଲୋକ ସଭାରେ ଆସିଲା ବିଲ୍**

**ଗଠନ ହେବ ଟ୍ରିବ୍ୟୁନାଲ**

**୬୦ ଦିନରେ ବିଚାର**




କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ ।

- ଭଗବଦ୍ ଗୀତା



## ସଂକ୍ଷେପରେ

### ୭ ବାଲି ବୋଝେଇ ଟ୍ରକ ଜବତ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ):** ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳରେ ବେଆଇନ ବାଲି ଚାଲାଣ ବେଳେ ବୁଧବାର ଭୁବନେଶ୍ୱର ଅତିରିକ୍ତ ତହସିଲଦାର ପବିତ୍ର କୁମାର ସାମଲ ୭ଟି ଟ୍ରକକୁ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଆବଶ୍ୟକ କାଗଜପତ୍ର ଓ ଜରିମାନା ପଇଠ କରିବା ପରେ ଉକ୍ତ ଟ୍ରକଗୁଡ଼ିକୁ ଛଡ଼ାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳରେ ବିନା କେ ଫର୍ମରେ ବାଲି ଚାଲାଣ କରାଯିବା, ଓଭରଲୋଡିଂ ସହ ବିନା ପାଲରେ ସହର ଭିତରେ ଏବଂ ଜାତୀୟ ରାଜପଥରେ ଟ୍ରକ୍‌ଗୁଡିକ ଚଳପ୍ରଚଳ କରୁଛନ୍ତି। ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅତିରିକ୍ତ ତହସିଲଦାର ସାମଲଙ୍କ ତତ୍ତ୍ୱାବଧାନରେ ଶହୀଦନଗର ଏବଂ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଯାତାୟାତ କରୁଥିବା ବାଲି ବୋଝେଇ ଟ୍ରକ ଉପରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ବେଳେ ଆବଶ୍ୟକ କାଗଜପତ୍ର ନ ଥିବା ସହ ଓଭର ଲୋଡିଂ ନେଇ ଯାଉଥିବା ୭ଟି ଟ୍ରକକୁ ଜବତ କରାଯାଇଥିଲା।

### ବରିଷ୍ଠ ନାଗରିକ ସଫେଇ କଲେ ଗୟା କୁଣ୍ଡ

**ପୁରୁଣା ଭୁବନେଶ୍ୱର,୧୧।୧୨ (ଡି.ଏନ.ଏ.):** ସ୍ଥାନୀୟ ଶ୍ରୀରାମନଗରସ୍ଥିତ ଐତିହ୍ୟ ସୂକ୍ଷ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରହିଛି ଗୟାକୁଣ୍ଡ। ଅପରପକ୍ଷରେ ଏଠାରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ। ଐତିହ୍ୟ କୁଣ୍ଡଟିର ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର ଅଭାବରୁ ଏହା ନିଜର ସତ୍ତା ହରେଇବାକୁ ବସିଛି। ଏଭଳି ସମୟରେ ପ୍ରଶାସନ ସିନା ଶୁଣିଲାନି ହେଲେ ସ୍ଥାନୀୟ ଶ୍ରୀରାମନଗର, ସାମନ୍ତରାପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଫେଇ ପାଇଁ ଅଣ୍ଟା ଭିଡି ଥିଲେ ସଦସ୍ୟମାନେ। ଚାନ୍ଦାକରି ୩ ଦିନ ଧରି ପରିତ୍ୟକ୍ତ ହୋଇପଡିଥିବା ଏହି କୁଣ୍ଡଟିର ସଫେଇ କାର୍ଯ୍ୟ କରିବାରେ ମଞ୍ଚ ସକ୍ଷମ ହୋଇଛି।

### କଣ୍ଡରା ପୋଖରୀ ପୁନରୁଦ୍ଧାର ପାଇଁ ୨୭୦ ଦିନ ଧାର୍ଯ୍ୟ

**ପୁରୁଣା ଭୁବନେଶ୍ୱର,୧୧।୧୨ (ଡି.ଏନ.ଏ.):** ବର୍ଷ ବର୍ଷ ଧରି ଗ୍ୟାରେଜଛକସ୍ଥିତ ଐତିହ୍ୟ କଣ୍ଡରା ପୋଖରୀ ପରିତ୍ୟକ୍ତ ହୋଇପଡିଥିଲା। ଏହାକୁ ପୁନରୁଦ୍ଧାର ପାଇଁ ବାରମ୍ବାର ବିଏମ୍‌ସି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲା। ହେଲେ ବିଭାଗୀୟ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ପୁଷ୍କରିଣୀର ଚତୁଃପାର୍ଶ୍ୱରେ ଥିବା କଲୋନୀ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିପାଇଁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଧାରଣା, ପ୍ରତିବାଦ ଓ ବିକ୍ଷୋଭ କରାଯାଉଥିଲା। ଶେଷରେ ବିଭାଗୀୟ ଅଧିକାରୀ ଏହାକୁ ଗୁରୁତ୍ୱ ଦେଇ ପୁନରୁଦ୍ଧାର ପାଇଁ ସମ୍ମତି ପ୍ରକାଶ କରିବା ସହ ଟେଣ୍ଡର ନୋଟିସ୍ ଜାରି କରିଛନ୍ତି। ସୂଚନାଥାଉ କି ପୁନରୁଦ୍ଧାର କାର୍ଯ୍ୟ ୨୭୦ ଦିନ ମଧ୍ୟରେ ଶେଷ କରିବାକୁ ଧାର୍ଯ୍ୟ ହୋଇଛି।

### ଯୁବକଙ୍କ ଆତ୍ମହତ୍ୟା

ଯାଁଳା, ୧୧।୧୨(ଡି.ଏନ.ଏ.): ଯାଁଳା ଫାଣ୍ଡି ଅଧୀନ ଓଗାଳପଡା ଟାଙ୍ଗୀ ସାହିର ଜଣେ ଯୁବକ ମଙ୍ଗଳବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଅଜୟ ନାଏକଙ୍କ ପୁଅ ଅକ୍ଷୟ। ପାରିବାରିକ ବିବାଦରୁ ଏଭଳି ଘଟଣା ଘଟିଛି ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ସୃଷ୍ଟି ହୋଇଥିଲା। ପରେ ଅକ୍ଷୟ ଏକ ଘରେ କବାଟ କିଳି ଆଜବେଷ୍ଟସ ହୁକରେ ଗାମୁଛି ବାନ୍ଧି ଝୁଲି ପଡିଥିଲେ। ପାଖ ପଡୋଶୀମାନଙ୍କ ସହାୟତାରେ ପୋଲିସକୁ ଖବର ଦେଇଥିଲେ।

### ବିଶ୍ୱର ଶ୍ରେଷ୍ଠ ଔଷଧୀୟ ଉଦ୍ୟାନ ହେବ ବରୁଣେଇରେ

**ଖୋର୍ଦ୍ଧା ଅଫିସ,୧୧।୧୨:** ବିଶ୍ୱ ପାହାଡ ଦିବସରେ ପର୍ଯ୍ୟଟନସ୍ଥଳ ବରୁଣେଇରେ ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ବରୁଣେଇକୁ ବିଶ୍ୱର ଶ୍ରେଷ୍ଠ ଔଷଧୀୟ ଉଦ୍ୟାନରେ ପରିଣତ କରାଯିବ ବୋଲି କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଜଙ୍ଗଲ ବିଭାଗ, ବିଶ୍ୱ ପରିବେଶ ସୁରକ୍ଷା କାଉନସିଲ ଓ ବିଶ୍ୱ ପ୍ଲାଣ୍ଟ ଲଭରର୍ସ ଆସୋସିଏଶନ ସହ ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ମିଳିତ ଭାବେ ବୃକ୍ଷରୋପଣ ହେବ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଉଦ୍‌ଘାଟନ କରିଥିଲେ। ପରେ ଶୋଭାଯାତ୍ରା ବରୁଣେଇ ପାହାଡ ଅତିକ୍ରମ କରି ବୃକ୍ଷରୋପଣ କାର୍ଯ୍ୟକମ ହୋଇଥିଲା।

## ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦକୁ ବିରୋଧ ପ୍ରସଙ୍ଗ

# ୩ଦିନରେ ମାଷ୍ଟରପ୍ଲାନ, ହାଟ ପଛରେ ଥଇଥାନ

**ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୧୧।୧୨ (ଡି.ଏନ୍.ଏ)**

ତୀବ୍ର ବିରୋଧ ପରେ ମଙ୍ଗଳବାର ବନ୍ଦ ରହିଥିଲା ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା। ବୁଧବାର ପୂର୍ବାହ୍ନରେ ଏନେଇ ବିଏମ୍‌ସି କାର୍ଯ୍ୟାଳୟରେ କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧ୍ୟକ୍ଷତାରେ ବସିଥିଲା ବୈଠକ। ବରିଷ୍ଠ କଂଗ୍ରେସ ନେତା ସୁରେଶଚନ୍ଦ୍ର ରାଉତରାୟ, ଭାଜପା ନେତା ସମୀର ମହାନ୍ତି, ବ୍ରାହ୍ମଣ ନିଯୋଗ ଓ ବଡୁ ନିଯୋଗର କର୍ମକର୍ତ୍ତାମାନଙ୍କୁ ନେଇ ଗଠିତ ଏକ ୧୦ ଜଣିଆ ପ୍ରତିନିଧି ଦଳ ସହ କମିଶନର ଆଲୋଚନା କରିଥିଲେ। ଉଠାଦୋକାନୀ ବା ଉଚ୍ଛେଦ ହେଉଥିବା ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ଗୁରୁବାରଠାରୁ ସେମାନେ ଲିଙ୍ଗରାଜ ହାଟ ପଛପଟେ ଗୋଟିଏ ବର୍ଷ ପାଇଁ ବସି ବ୍ୟବସାୟ କରିପାରିବେ। ଏହାବ୍ୟତୀତ ଲିଙ୍ଗରାଜ ମନ୍ଦିର ପାରିପାର୍ଶ୍ୱିକ ଚିତ୍ର ବଦଳାଇବା ପାଇଁ ସରକାର ଯେଉଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରୁଛନ୍ତି ତାହା ଆସନ୍ତା ୩ଦିନ ମଧ୍ୟରେ ସାର୍ବଜନୀନ କରାଯିବ ବୋଲି କମିଶନର ଚୌଧାରୀ ପ୍ରତିଶ୍ରୁତି ଦେଇଥିଲେ।

ଆଲୋଚନାବେଳେ ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଥିଲା ଯେ, ଲିଙ୍ଗରାଜ ମନ୍ଦିର ନିକଟରେ ଦୀର୍ଘବର୍ଷ ହେବ ଛୋଟବଡ଼ ବେପାର କରି ଦୋକାନୀମାନେ ପରିବାର ଚଳାଉଛନ୍ତି। ସେମାନଙ୍କୁ ଚିହ୍ନଟ କରି ଥଇଥାନ କରାଯାଉ। ଉଚ୍ଛେଦ ହେଉଥିବା ଉଠାଦୋକାନୀଙ୍କୁ ଭେଣ୍ଡିଂ ଜୋନ୍ ଯୋଗାଇ ଦେବା, ସ୍ଥାୟୀ ଦୋକାନୀ ଓ ସ୍ଥିତିବାନ ଜମିଧାରୀଙ୍କୁ ସରକାରୀ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ, ଉଚ୍ଛେଦ ପୂର୍ବରୁ ନୋଟିସ୍ ଦେବା, ତୁରନ୍ତ ମାଷ୍ଟର ପ୍ଲାନ ଦେଖାଇବା ଏବଂ ଭଜନମଣ୍ଡପର ମରାମତି କରିବା ପାଇଁ ପ୍ରତିନିଧିମାନେ ଦାବି ରଖିଥିଲେ। କମିଶନର ଚୌଧାରୀ କହିଥିଲେ, ଯଦି ସ୍ଥାୟୀ ଦୋକାନୀ ବା ସ୍ଥିତିବାନ ଜମିକୁ ନିଆଯାଏ ତା'ହେଲେ ସରକାରୀ ନିୟମ ଅନୁଯାୟୀ ପ୍ରକ୍ରିୟା ସମ୍ପୂର୍ଣ୍ଣ ପରେ ଜମି ନିଆଯିବ ଓ ଆବଣ୍ଟନ କରାଯିବ। ତେବେ ଭଜନ ମଣ୍ଡପ ପାଇଁ ବିଏମ୍‌ସି ଏକ ସ୍ୱତନ୍ତ୍ର ଯୋଜନା ରଖିଛି। ଏଥିସହିତ ଲିଙ୍ଗରାଜ ହାଟ ପଛପଟେ ଶୌଚାଳୟକୁ ଉଚ୍ଛେଦ କରାଯାଇ ଉକ୍ତ ବ୍ୟବସାୟୀଙ୍କ ପାଇଁ ଅଧିକ ସ୍ଥାନ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଏସବୁ ପ୍ରତିଶ୍ରୁତି ପାଇବା ପରେ ପ୍ରତିନିଧି ଦଳ ଉଚ୍ଛେଦ ପାଇଁ ସହମତି ପ୍ରକାଶ କରିଥିଲେ। ପୁଣି ପୂର୍ବପରି ଉଚ୍ଛେଦ ଆରମ୍ଭ ହୋଇଥିଲା। ଏହି ଉଚ୍ଛେଦ ଜାରି ରହିବ ବୋଲି କମିଶନର ଚୌଧାରୀ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବୈଠକରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଆଡିଶନାଲ କମିଶନର ଅବନୀ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ଉଚ୍ଛେଦ ହଉ କିନ୍ତୁ ଆମକୁ ଭେଣ୍ଡିଂଜୋନ୍ ମିଳୁ

ଆମେ ଏଠାରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଦୋକାନ କରିଥିଲୁ। ବିଏମସି ତରଫରୁ କୌଣସି ନୋଟିସ ନ ଦିଆଯାଇ ଆମ ଦୋକାନ ବଜାର ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ହେଉ ସେଥିରେ ମନାନାହିଁ, କିନ୍ତୁ ଆମକୁ ଭେଣ୍ଡିଂଜୋନ୍ ମାଧ୍ୟମରେ ଥଇଥାନ କରାଯାଉ।

– ପୂର୍ଣ୍ଣଚନ୍ଦ୍ର ସାହୁ ଓ କୃଷ୍ଣଚନ୍ଦ୍ର ସାହୁ, ବ୍ୟବସାୟୀ

### ହେରିଟେଜ କିଓସ୍କ ମାଧ୍ୟମରେ ଥଇଥାନ କରାଯାଉ

ସାଧାରଣ ଲୋକ ଓ ବ୍ୟବସାୟୀଙ୍କ ସମସ୍ୟା ନେଇ ବିଏମ୍‌ସି କମିଶନରଙ୍କ ଆଲୋଚନା ସ୍ୱାଗତ ଯୋଗ୍ୟ। କମିଶନରଙ୍କ ପ୍ରତିଶ୍ରୁତି ଅନୁଯାୟୀ, ଦିନେ କିମ୍ବା ଦୁଇଦିନ ଭିତରେ ସ୍ଥାନ ଚିହ୍ନଟ କରି ଉଠାଦୋକାନୀକୁ ଥଇଥାନ କରାଯିବ। କିନ୍ତୁ ଅନ୍ୟ ଐତିହ୍ୟସ୍ଥଳ ପରି ଏଠାରେ ମଧ୍ୟ ହେରିଟେଜ କିଓସ୍କ କରାଯାଇ ବେପାର ହରାଉଥିବା ବ୍ୟବସାୟୀଙ୍କୁ ଥଇଥାନ କରାଯାଉ।

– ଅମୀୟ ଦାସ, ସାମାଜିକ କର୍ମୀ



ବୈଠକରେ ଉପସ୍ଥିତ ବିଏମ୍‌ସି କମିଶନର ଓ ଅନ୍ୟ ଅଧିକାରୀ।



ବେଆଇନ ଘରୋଇ କୋଠାକୁ ଭଙ୍ଗାଯାଉଛି।



ଉଚ୍ଛେଦ ପରେ ଉଠା ଦୋକାନକୁ ସ୍ଥାନାନ୍ତର କରାଯାଉଛି।

## ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ

# ବୈଠକ ପରେ ଭଙ୍ଗାଗଲା ୮ ଜବରଦଖଲ

ବୈଠକରେ ପ୍ରତିଶ୍ରୁତି ପରେ ଅପରାହ୍ନ ୨ଟାରୁ ପୁଣି ଆରମ୍ଭ ହୋଇଥିଲା ଉଚ୍ଛେଦ କାର୍ଯ୍ୟ। ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ରହିଥିବା ମୋଟ ୮ ବେଆଇନ ନିର୍ମାଣକୁ ଭଙ୍ଗାଯାଇଥିଲା। ଏଥିରେ ୫ କ୍ୟାବିନ, ଗୋଟିଏ ଆଳୁ ଗୋଦାମ, ଗୋଟିଏ ତାରିଣୀ ମନ୍ଦିର ଓ ଗୋଟିଏ ଅସ୍ଥାୟୀ ହୋଟେଲ ଥିଲା। ସମୟ ନ ଥିବାରୁ ଅପରାହ୍ନ ୫ଟାରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ହୋଇଥିଲା। ଗୁରୁବାର ପୂର୍ବାହ୍ନ ୧୦ଟାରୁ ମେଡିକାଲ ନିକଟରୁ ବଢ଼େଇବାଙ୍କ ଛକ ଯାଏ ଉଚ୍ଛେଦ ହେବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି, ବିଡିଏ, ଜିଏ, ଆର୍ ଆଣ୍ଡ ବି ଓ କମିଶନରେଟ ପୋଲିସ୍‌ର ମିଳିତ ଟିମ୍ ପକ୍ଷରୁ ଉଚ୍ଛେଦ କରାଯାଉଛି। ବୁଧବାର ମନ୍ଦିରର ଡ଼ାହାଣ ପାର୍ଶ୍ୱ ତଥା ଦକ୍ଷିଣ ପଟରେ ଉଚ୍ଛେଦ ହୋଇଥିଲା। ଉଚ୍ଛେଦବେଳେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ-୨ ପ୍ରମୋଦ କୁମାର ପାତ୍ର, ଲିଙ୍ଗରାଜ ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର, ବିଡିଏ ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ମେଡିକାଲଠାରୁ ବଢ଼େଇବାଙ୍କ ଛକ

## ଏକାସଙ୍ଗେ ହୋଇପାରୁନି ଦୁଇଟି ସ୍ଥାନରେ ଉଚ୍ଛେଦ

# ଘରୋଇ କୋଠାକୁ ଅଧା ଭାଙ୍ଗି ଫେରିଲା ଟିମ୍

ବିଏମ୍‌ସି ଓ ବିଡିଏ ପାଖରେ ଅଧିକ ଏନ୍‌ଫୋର୍ସମେଣ୍ଟ ଟିମ୍ ନାହିଁ। ଫଳରେ ଏକାସଙ୍ଗେ ଦୁଇଟି ସ୍ଥାନରେ ଉଚ୍ଛେଦ ହୋଇପାରୁନି। ଗ୍ୟାରେଜ ଛକ ନିକଟ ପ୍ଲଟ୍ ନଂ.୩୯୭/୧୯୪୫ରେ ବେଆଇନ ଭାବେ ତିଆରି ହୋଇଥିବା ୩ ମହଲା କୋଠାକୁ ଭାଙ୍ଗିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁସାରେ ବୁଧବାର ଏନ୍‌ଫୋର୍ସମେଣ୍ଟ ଟିମ୍ ସେଠାରେ ଉଚ୍ଛେଦ କରୁଥିଲା। ଉକ୍ତ ଘରର ମାତ୍ର ୪୧୪ ବର୍ଗଫୁଟ ଅଂଶ ଭଙ୍ଗା ସରିଥିଲା। ଏପଟେ ଲିଙ୍ଗରାଜ ମନ୍ଦିର ଉଚ୍ଛେଦ ଘଟଣାକୁ ନେଇ ବିଏମ୍‌ସି କାର୍ଯ୍ୟାଳୟରେ ବସିଥିବା ବୈଠକ ସରିଯାଇଥିଲା। ତୁରନ୍ତ ଉଚ୍ଛେଦ ଆରମ୍ଭ କରିବା ପାଇଁ ବିଏମ୍‌ସି କମିଶନର ନିର୍ଦ୍ଦେଶ ଦେବାପରେ ଉକ୍ତ ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ପୋଲିସ ଫୋର୍ସ ଉକ୍ତ ଘରଭଙ୍ଗାକୁ ଅଧା ଖଣ୍ଡିଆ କରି ଚାଲି ଆସିଥିଲେ। ମଧ୍ୟାହ୍ନ ୧୨ରୁ ଉକ୍ତ ଟିମ୍ ଲିଙ୍ଗରାଜ ମନ୍ଦିର ନିକଟକୁ ଫେରି ଆସିଥିଲେ ମଧ୍ୟ ଅପରାହ୍ନ ୨ଟାରେ ଉଚ୍ଛେଦ ଆରମ୍ଭ କରିଥିଲା।

### ୨୦ ପରେ ବଡ଼ ଉଚ୍ଛେଦ, ୩୦ ସୁଦ୍ଧା ସରିବ ଚିହ୍ନଟ ସ୍ଥାନ

ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ଚିହ୍ନଟ ସ୍ଥାନକୁ ଭାଙ୍ଗିବା ପାଇଁ ବିଡିଏ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏହାପୂର୍ବରୁ ମନ୍ଦିର ସମ୍ମୁଖରେ ଥିବା ଶ୍ରୀଲିଙ୍ଗରାଜ ଥାନା ଓ ମନ୍ଦିର କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବ। ପ୍ରଥମେ ଥାନା କ୍ୱାର୍ଟର ଭାଙ୍ଗିବ ଓ ତାହା ଅନ୍ୟତ୍ର ଯୋଗାଇ ଦିଆଯିବ। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର କହିଛନ୍ତି, ୨୦ ତାରିଖ ପରେ ବଡ଼ ଉଚ୍ଛେଦ ହେବାର ଅଛି। ମାଷ୍ଟର ପ୍ଲାନ୍ ଆସିବା ପରେ ସେହି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ଏଏସ୍‌ଆଇ ପ୍ରସ୍ତାବ ଅନୁଯାୟୀ ମାଷ୍ଟର ପ୍ଲାନ୍

ଲିଙ୍ଗରାଜ ମନ୍ଦିରକୁ ନୂଆ ରୂପ ଦେବାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍‌ଆଇ) ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଉଚ୍ଛେଦ ସମୟରେ ମଧ୍ୟ ବହୁ ଐତିହ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମାଣାଧୀନ ବ୍ୟାଖ୍ୟାନ କେନ୍ଦ୍ର, ଭଜନ ମଣ୍ଡପ, ଯାତ୍ରୀ ବିଶ୍ରାମସ୍ଥଳୀ ଆଦି ଭଙ୍ଗାଯିବ। ଲିଙ୍ଗରାଜ ମନ୍ଦିର ପଶ୍ଚିମ ପଟେ ଥିବା ପାପନାଶିନୀ କୁଣ୍ଡ ଚତୁଃପାର୍ଶ୍ୱରେ ଗଢିଉଠିଥିବା ବେଆଇନ ଦୋକାନଗୁଡ଼ିକୁ ଶୀଘ୍ର ଭଙ୍ଗାଯିବ। ଅନ୍ୟପକ୍ଷରେ ଲିଙ୍ଗରାଜ ମନ୍ଦିର ଓ ଏହା ସନ୍ନିକଟ ବିଭିନ୍ନ ଐତିହ୍ୟସ୍ଥଳର ବିକାଶ ଦାୟିତ୍ୱ ଏଏସ୍‌ଆଇ ନେଇଛି। ତେଣୁ ଆରମ୍ଭ ହୋଇଥିବା ଉଚ୍ଛେଦର ପୂରା ମାଷ୍ଟର ପ୍ଲାନ୍ ଏଏସ୍‌ଆଇର ପ୍ରସ୍ତାବ ଅନୁଯାୟୀ କରାଯାଉଛି। ଏହି ପ୍ରକ୍ରିୟାରେ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଏକ ବଡ଼ ଅଂଶ ରହୁଛି ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

### ପୁରାତନ କୀର୍ତ୍ତିରାଜିର ପୁନରୁଦ୍ଧାର ହେବ

ଖ୍ରୀଷ୍ଟପୂର୍ବ ୧୩ଶହ ଶତାବ୍ଦୀର ଗଙ୍ଗେଶ୍ୱର, ଯମୁନେଶ୍ୱର ମନ୍ଦିର ସମ୍ମୁଖରେ ରହିଥିବା ମନ୍ଦିର ଓ ନିକଟରେ ଥିବା ଶହଶହ ବର୍ଷର ପୁରାତନ ତୀର୍ଥେଶ୍ୱର ମନ୍ଦିର ଆଦିର ପୁନରୁଦ୍ଧାର କରାଯିବ। ସେହିଭଳି ଉତ୍ତରଦ୍ୱାର ନିକଟରେ ରହିଛି ୧୩ଶହ ଶତାବ୍ଦୀର କାରୁକାର୍ଯ୍ୟପୂର୍ଣ୍ଣ ଶୁକଶାରୀ ମନ୍ଦିର। ଏହି ମନ୍ଦିର ନିକଟରେ ଏଏସ୍‌ଆଇ ପକ୍ଷରୁ ବନ୍ଦ ରହିଥିବା ଖନନ କାର୍ଯ୍ୟ ପୁନର୍ବାର ଆରମ୍ଭ କରାଯିବ।

### ଆଜି ହୋଇପାରେ ପ୍ୟାକେଜ୍ ଘୋଷଣା

#### ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକ ସେବା ଭବନରେ ଅନୁଷ୍ଠିତ ହେବ। ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ବିଡିଏର ଜନୈକ ଅଧିକାରୀ କହିଛନ୍ତି, ପୁରୀ ପରି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପାର୍ଶ୍ୱରୁ ୭୫ମିଟର ଯାଏ ଉଚ୍ଛେଦ କରାଯିବ। ଏ ନେଇ ସମସ୍ତ ପ୍ରସ୍ତୁତି ସରିଥିବା ଅଧିକାରୀ କହିଛନ୍ତି। ଅପରାହ୍ନରେ ହେବାକୁ ଥିବା ବୈଠକରେ ମନ୍ତ୍ରୀ ଅଶୋକ ପଣ୍ଡା, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

### ପର୍ଯ୍ୟଟନ ବିଭାଗର ତ୍ରୁଟି ସୁଧାରିବ ବିଏମ୍‌ସି

ପର୍ଯ୍ୟଟନ ବିଭାଗ ମନ୍ଦିର ପ୍ରତି ଗୁରୁତ୍ୱ ନ ଦେଇ କେବଳ ବିଶ୍ୱକପ୍ ହକି ସମୟରେ କେତୋଟି ହାଲୋଜିନ୍ ଲାଇଟ୍ ଲଗାଇ ଚୁପ୍ ବସିଛି। ୭ ଶହ ବର୍ଷ ତଳର ଭବାନୀ ଶଙ୍କର ମନ୍ଦିର ନିକଟରୁ ଉଦ୍ଧାର ହୋଇଥିବା ମୂର୍ତ୍ତିଗୁଡ଼ିକ ରାଜ୍ୟ ସଂଗ୍ରହାଳୟରେ ଶୋଭା ମଣ୍ଡିତ କରୁଥିବାବେଳେ ଏବେ ଅନ୍ୟ କୀର୍ତ୍ତିରାଜିଗୁଡ଼ିକ ମନ୍ଦିର ପ୍ରାଙ୍ଗଣରେ ଖତଖାଉଛି। ଉତ୍ତରଦ୍ୱାର ନିକଟ ଗୋପାଳ ତୀର୍ଥ ମଠ ଓ ଅନ୍ୟ ମଠ ଜବରଦଖଲକାରୀଙ୍କ ଦଖଲରେ ରହିଛି। ତେଣୁ ପର୍ଯ୍ୟଟନ ବିଭାଗ ଦ୍ୱାରା ଯେଉଁ ତ୍ରୁଟି ହୋଇଛି ସେସବୁକୁ ବିଏମ୍‌ସି ସୁଧାରିବ ବୋଲି କମିଶନର ଚୌଧାରୀ କହିଛନ୍ତି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ




ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

**ପାତ୍ରପଡା ,୧୧।୧୨ (ଡି.ଏନ.ଏ.)**

ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବୁଧବାର ସନ୍ଧ୍ୟାରେ ଖଣ୍ଡଗିରି ମାତୃବିହାର ପରିସରରେ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ସମାରୋହକୁ ରାଜ୍ୟପାଳ ଗଣେଶୀ ଲାଲ ଉଦ୍‌ଘାଟନ କରିଥିଲେ। ସମାରୋହ ଅବସରରେ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ବହୁ ମାନ୍ୟଗଣ୍ୟ, ବୁଦ୍ଧିଜୀବୀ, ବକ୍ତା ପ୍ରମୁଖ ଯୋଗ ଦେଇ ବିଭିନ୍ନ ଆଲୋଚନାଚକ୍ରରେ ନିଜର ଅଭିଭାଷଣ ରଖିଥିଲେ। ଶ୍ରୀଅରବିନ୍ଦଙ୍କ ଦର୍ଶନ ନେଇ ଅଭିଭାଷଣ ମାଧ୍ୟମରେ ଆଲୋଚନାଚକ୍ରରେ ଜଡରେ ଆତ୍ମା, ପୂର୍ଣ୍ଣ ଶିକ୍ଷା, ଦେଶସେବା, ମାନବରୁ ଅତିମାନବ ପଥ ପ୍ରଭୃତିରେ ସୁଧୀର କୁମାର ବ୍ରହ୍ମା, ହୃଷୀକେଶ ମଲ୍ଲିକ, ଅର୍ଚ୍ଚନା ନାୟକ, ଧରଣୀଧର ପାଲ, ରାଧାକାନ୍ତ ମିଶ୍ର ପ୍ରମୁଖ ନିଜର ସୁଚିନ୍ତିତ ମନ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଡ. ଆଲୋକ ପାଣ୍ଡେ, ସରୋଜକାନ୍ତ ମିଶ୍ର, ପ୍ରଭାକର ମିଶ୍ର ପ୍ରମୁଖ ଯୋଗଦେଇ ମନୁଷ୍ୟ ମାନବରୁ ଅତିମାନବ ପଥ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କ ଦର୍ଶନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ଲଘୁ ଖଣିଜ ଚୋରି ରୋକିବାକୁ ୧୦ ଜିଲାପାଳଙ୍କୁ ଚିଠି

**କଟକ ଅଫିସ, ୧୧।୧୨**

### ଫୋକସ୍‌ରେ କଟକ, ଖୋର୍ଦ୍ଧା, ଯାଜପୁର

କେନ୍ଦ୍ରାଞ୍ଚଳ ଅଧୀନ ୧୦ଟି ଜିଲାରେ ଆଖିବୁଜା ଲଘୁ ଖଣିଜଦ୍ରବ୍ୟ ଚୋରି ହେଉଛି। ଏହି ଚୋରିକୁ ରୋକିବା ପାଇଁ ଆର୍‌ଡିସି ଅନିଲ କୁମାର ସାମଲ ୧୦ ଜିଲାପାଳଙ୍କୁ ତାଗିଦ୍ କରିଛନ୍ତି। ବିଶେଷକରି ଉପଜିଲାପାଳ ଓ ତହସିଲଦାରମାନେ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଏହା ଏବେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିଧାନସଭାରେ ଆଲୋଚନା ହୋଇଥିଲା। ତେଣୁ ଉପଜିଲାପାଳ ଓ ତହସିଲଦାରମାନଙ୍କ ଏଭଳି ସ୍ଥାଣୁତାକୁ ବରଦାସ୍ତ କରାଯିବନାହିଁ ବୋଲି ଆରଡିସି କହିଛନ୍ତି। ଏହି ଚୋରିକୁ ରୋକିବା ପାଇଁ ଆରଡିସି ସାମଲ କେତେଗୁଡିଏ ନିର୍ଦ୍ଦେଶନାମା ଜିଲାପାଳମାନଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି। ଜିଲାପାଳମାନେ ନିୟମିତ ଭାବେ ସମୀକ୍ଷା କରି ପରିସ୍ଥିତି ଉପରେ ନଜର ରଖିବାକୁ କୁହାଯାଇଛି। ସଇରାତଗୁଡିକର ଡିଜିପିଏସ(ଡିଫରେନସିଆଲ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ) ସର୍ଭେ କରିବା ସହିତ ସଇରାତ ଚିହ୍ନଟ କରିବାକୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି। ଖଣି ଅଞ୍ଚଳଗୁଡିକର ତଦାରଖ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ମୁତୟନ କରିବାକୁ ଆରଡିସି କହିଛନ୍ତି। ଏହି ଖଣିଜଦ୍ରବ୍ୟଗୁଡିକ ମଧ୍ୟରେ ଆଖିବୁଜା ବାଲି ଚୋରି ଅଧିକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି।

ବାଲି ଚୋରି ଫୋକସ୍‌ରେ କଟକ ଓ ଯାଜପୁର ଜିଲା ରହିଥିବା ବେଳେ ପଥର ଚୋରି ଫୋକସ୍‌ରେ ଖୋର୍ଦ୍ଧା ରହିଛି। ଯାଜପୁର ଜିଲାରେ ୨୦୧୮ ଏପ୍ରିଲ ପହିଲାରୁ ୨୦୧୯ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ଲଘୁ ଖଣିଜଦ୍ରବ୍ୟ ରୟାଲ୍‌ଟି ବାବଦରେ ମୋଟ ୧୩କୋଟି ୨୩ଲକ୍ଷ ୩୩ହଜାର ୨୩୨ ଟଙ୍କା ଆଦାୟ ହୋଇଥିବାବେଳେ ବେଆଇନ ଉତ୍ତୋଳନ ପାଇଁ ଜରିମାନା ବାବଦକୁ ୧କୋଟି ୯୩ଲକ୍ଷ ୧୦ହଜାର ୫୩୦ଟଙ୍କା ଆଦାୟ କରାଯାଇଛି। ଏହି ସମୟ ମଧ୍ୟରେ ପ୍ରଶାସନ ପକ୍ଷରୁ ୬୪୯ ଥର ଚଢ଼ାଉ କରାଯାଇ ୧୨୦୧ ଗାଡିକୁ ଜବତ କରାଯାଇଛି।

ଖୋର୍ଦ୍ଧା ଜିଲାର ପଥର ଖଣିକୁ ଦେଖିଲେ ଅଧିକାଂଶ ଖଣି ପୁରୀ ଶ୍ରୀଜଗନ୍ନାଥଙ୍କ ଜମିରେ ରହିଛି। ସେପ୍ଟେମ୍ବର ୫ ତାରିଖ ସୁଦ୍ଧା ଜିଲାର ମୋଟ ୧୩୧ଟି ଖଣି ମଧ୍ୟରୁ ୬୫ଟି କାର୍ଯ୍ୟ କରୁଥିବା ରିପୋର୍ଟରୁ ଜଣାପଡିଛି। ତେବେ ଜିଲାରେ କାର୍ଯ୍ୟ କରୁଥିବା ବେଆଇନ କ୍ରଶର ୟୁନିଟ୍‌ଗୁଡିକ ଉପରେ କଡା ନଜର ରଖିବାକୁ ଆର୍‌ଡିସି ତାଗିଦ କରିଛନ୍ତି। ଜଟଣୀ ତହସିଲ ଅଞ୍ଚଳରୁ ବେଆଇନଭାବେ ପଥର ଉତ୍ତୋଳନ କରାଯାଇ ଡେଲାଙ୍ଗ ଓ କଣାସ ଅଞ୍ଚଳକୁ ଚାଲାଣ କରାଯାଉଥିବା ଜଣାପଡିଛି।

ବାଲି ଚୋରି କଟକ ଜିଲାରେ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଦିନ ଦ୍ୱିପ୍ରହରରେ ମହାନଦୀ, କୋଠଯୋଡି, ଲୁଣା, ଚିତ୍ରୋତ୍ପଳା ଓ ବିରୂପା ଆଦି ନଦୀରୁ ବେଆଇନଭାବେ ବାଲି ଚୋରି କରାଯାଉଛି। ସ୍ଥାନୀୟ ପୋଲିସ ଓ ତହସିଲ ପ୍ରଶାସନ ସହାୟତାରେ ଏଭଳି କରାଯାଉଥିବା ଅଭିଯୋଗ ହୋଇଛି। ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତା ଗିରଫ ହେବା ପରେ ସେମାନଙ୍କର ବାଲି ଘାଟ ଲିଙ୍କ ପଦାକୁ ଆସିଥିଲା। ଏହାପରେ କଟକ ସଦର ତହସିଲ ଅଞ୍ଚଳରେ ତହସିଲ ପ୍ରଶାସନ ଖୋଳତାଡ କରିବାରୁ ବଡ ଧରଣର ବାଲି ଚୋରି ର୍‍ୟାକେଟ ଧରାପଡିଥିଲା। ଲିଜ୍‌ଧାରୀମାନେ ଯେତିକି ଇଲାକା ଲିଜ୍ ସୂତ୍ରରେ ଆଣିଛନ୍ତି ତାହାଠୁ ଅଧିକ ଇଲାକାରୁ ବାଲି ଉତ୍ତୋଳନ କରୁଥିବା ତଦନ୍ତରୁ ଜଣାପଡିଥିଲା। ଫଳରେ ଏହି ଲିଜ୍‌ଧାରୀମାନଙ୍କ ଉପରେ ଜରିମାନା ଲାଗୁ କରାଯାଇଥିଲା। ମୁଖ୍ୟତଃ ନଦୀର ସମ୍ବେଦନଶୀଳ ଅଞ୍ଚଳରୁ ବାଲି ଉତ୍ତୋଳନ କରାଯାଉଥିବାରୁ ଭବିଷ୍ୟତରେ ନଦୀର ଗତିପଥ ପରିବର୍ତ୍ତନ ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ ଆରଡିସିଙ୍କ କାର୍ଯ୍ୟାଳୟରେ ରାଜସ୍ୱ ଦାୟିତ୍ୱରେ ଥିବା ଅଧିକାରୀ ଏଲୋରା ଭାରତୀ ଜେନାଙ୍କୁ ପଚାରିବାରୁ ଲଘୁ ଖଣିଜଦ୍ରବ୍ୟ ଉପରେ କଡା ନଜର ରଖାଯାଇଛି। ଏହି ଚୋରିରେ ସାମିଲ ରହୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଥିଲେ।



"କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ ।
- ଶ୍ରୀମଦ୍ ଭଗବତ୍ ଗୀତା



## ସଂକ୍ଷେପରେ

### ଚୋରି ଘଟଣା: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୧।୧୨:** ଚୋରି ଘଟଣାରେ ସମ୍ପୃକ୍ତ ଥାଇ ଦୀର୍ଘଦିନ ହେବ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଲାଲ୍‌ବାଗ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅଲିଶାବଜାର ହାଡଗଡିଆ ସାହିର ବାପି ଓରଫ ସଚ୍ଚିଦାନନ୍ଦ ଦାସ(୩୦)। ପୋଲିସ ତାଙ୍କ ବିରୋଧରେ ଆଇପିସି ଧାରା ୪୫୭, ୩୮୦ ରେ ଦଫା ଲଗାଇଥିଲା। ସୂଚନା ଅନୁଯାୟୀ, ୨୦୧୮ ନଭେମ୍ବରରେ ଚାନ୍ଦିନୀଚୌକ ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଘରୁ ସୁନା ଅଳଙ୍କାର, ଲାପଟପ୍, କମ୍ପ୍ୟୁଟର, ଫ୍ୟାନ ଆଦି ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଏହି ଚୋରିରେ ୩ ଜଣଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଏହି ଘଟଣାରେ ପୂର୍ବରୁ ପୋଲିସ ସେକ୍. କାଲା ବାବୁଙ୍କୁ ଗିରଫ କରିଥିଲା। ବାପି ଓ ଅନ୍ୟଜଣେ ସାଥୀ ଫେରାର ହୋଇଯାଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ବାପି ଘରକୁ ଆସିଥିବାବେଳେ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କଣ୍ଟାପଡ଼ା,୧୧।୧୨(ଡି.ଏନ୍.ଏ.):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କଣ୍ଟାପଡ଼ା ବ୍ଲକର ଅଡାପୁର ପ୍ରାଚୀ ଏକାଡେମୀ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୮୪ଜଣ ଦିବ୍ୟାଙ୍ଗ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୯୯ଜଣଙ୍କୁ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସା କରାଯାଇଥିବା ବେଳେ ଚକ୍ଷୁ ବିଭାଗରେ ୩୪, ନାଶା, କର୍ଣ୍ଣ ଓ ଗଳା ବିଭାଗରେ ୧୯, ସ୍ନାୟୁରେ ୨୯ ଓ ୭୦ଜଣଙ୍କୁ ମାନସିକ ରୋଗ ବିଭାଗରେ ଚିକିତ୍ସା କରାଯାଇଥିଲା। ଏଥିରେ କଣ୍ଟାପଡା ବ୍ଲକ ଭାରପ୍ରାପ୍ତ ବିଡିଓ ପ୍ରଶାନ୍ତ ନାୟକ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥଲେ। କଟକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର ପ୍ରମୁଖ ଯୋଗଦେଇ ଶିବିରର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ, ସହକାରୀ ଯନ୍ତ୍ରୀ ରାଜେଶ ସାହୁ, ବ୍ଲକ ଶିଶୁମଙ୍ଗଳ ଅଧିକାରୀ ମୀନର୍ଭା ମହାନ୍ତିଙ୍କ ସମେତ କଣ୍ଟାପଡା ବ୍ଲକର କର୍ମଚାରୀ ଓ ଅଙ୍ଗନୱାଡି କର୍ମୀମାନେ ପରିଚାଳନା କରିଥିଲେ।

### ୭ ବାଲି ବୋଝେଇ ଟ୍ରକ୍ ଜବତ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ):** ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳରେ ବେଆଇନ ବାଲି ଚାଲାଣ ବେଳେ ବୁଧବାର ଭୁବନେଶ୍ୱର ଅତିରିକ୍ତ ତହସିଲଦାର ପବିତ୍ର କୁମାର ସାମଲ ୭ଟି ଟ୍ରକ୍‌କୁ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଆବଶ୍ୟକ କାଗଜପତ୍ର ଓ ଜରିମାନା ପଇଠ କରିବା ପରେ ଉକ୍ତ ଟ୍ରକଗୁଡ଼ିକୁ ଛଡ଼ାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଅତିରିକ୍ତ ତହସିଲଦାର ସାମଲଙ୍କ ତତ୍ତ୍ୱାବଧାନରେ ଶହୀଦନଗର ଏବଂ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଯାତାୟାତ କରୁଥିବା ବାଲି ବୋଝେଇ ଟ୍ରକ ଉପରେ ଚଢାଉ କରାଯାଇଥିଲା। ଯାଞ୍ଚ ବେଳେ ଆବଶ୍ୟକ କାଗଜପତ୍ର ନ ଥିବା ସହ ଓଭର ଲୋଡିଂ ନେଇ ଯାଉଥିବା ୭ଟି ଟ୍ରକ୍‌କୁ ଜବତ କରାଯାଇଥିଲା।

■ ଲଘୁ ଖଣିଜ ଚୋରି ରୋକିବାକୁ ୧୦ ଜିଲାପାଳଙ୍କୁ ଚିଠି

# ଫୋକସ୍‌ରେ କଟକ, ଖୋର୍ଦ୍ଧା, ଯାଜପୁର

**କଟକ ଅଫିସ, ୧୧।୧୨**

କେନ୍ଦ୍ରାଞ୍ଚଳ ଅଧୀନ ୧୦ଟି ଜିଲାରେ ଆଖିବୁଜା ଲଘୁ ଖଣିଜଦ୍ରବ୍ୟ ଚୋରି ହେଉଛି। ଏହି ଚୋରିକୁ ରୋକିବା ପାଇଁ ଆରଡିସି ଅନିଲ କୁମାର ସାମଲ ୧୦ ଜିଲାପାଳଙ୍କୁ ତାଗିଦ୍ କରିଛନ୍ତି। ବିଶେଷକରି ଉପଜିଲାପାଳ ଓ ତହସିଲଦାରମାନେ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଏହା ଏବେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିଧାନସଭାରେ ଆଲୋଚନା ହୋଇଥିଲା। ତେଣୁ ଉପଜିଲାପାଳ ଓ ତହସିଲଦାରମାନଙ୍କ ଏଭଳି ସ୍ଥାଣୁତାକୁ ବରଦାସ୍ତ କରାଯିବନାହିଁ ବୋଲି ଆରଡିସି କହିଛନ୍ତି। ଏହି ଚୋରିକୁ ରୋକିବା ପାଇଁ ଆରଡିସି ସାମଲ କେତେଗୁଡିଏ ନିର୍ଦ୍ଦେଶନାମା ଜିଲାପାଳମାନଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି। ଜିଲାପାଳମାନେ ନିୟମିତ ଭାବେ ସମୀକ୍ଷା କରି ପରିସ୍ଥିତି ଉପରେ ନଜର ରଖିବାକୁ କୁହାଯାଇଛି। ସଇରାତଗୁଡ଼ିକର ଡିଜିପିଏସ(ଡିଫରେନସିଆଲ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ) ସର୍ଭେ କରିବା ସହିତ ସଇରାତ ଚିହ୍ନଟ କରିବାକୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି। ଖଣି ଅଞ୍ଚଳଗୁଡିକର ତଦାରଖ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ମୁତୟନ କରିବାକୁ ଆରଡିସି କହିଛନ୍ତି। ଏହି ଖଣିଜଦ୍ରବ୍ୟଗୁଡିକ ମଧ୍ୟରେ ଆଖିବୁଜା ବାଲି ଚୋରି ଅଧିକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି।

ବାଲି ଚୋରି ଫୋକସ୍‌ରେ କଟକ ଓ ଯାଜପୁର ଜିଲା ରହିଥିବା ବେଳେ ପଥର ଚୋରି ଫୋକସ୍‌ରେ ଖୋର୍ଦ୍ଧା ରହିଛି। ଯାଜପୁର ଜିଲାରେ ୨୦୧୮ ଏପ୍ରିଲ ପହିଲାରୁ ୨୦୧୯ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ଲଘୁ ଖଣିଜଦ୍ରବ୍ୟ ରୟାଲ୍‌ଟି ବାବଦରେ ମୋଟ ୧୩କୋଟି ୨୩ଲକ୍ଷ ୩୩ହଜାର ୨୩୨ ଟଙ୍କା ଆଦାୟ ହୋଇଥିବାବେଳେ ବେଆଇନ ଉତ୍ତୋଳନ ପାଇଁ ଜରିମାନା ବାବଦକୁ ୧କୋଟି ୯୩ଲକ୍ଷ ୧୦ହଜାର ୫୩୦ଟଙ୍କା ଆଦାୟ କରାଯାଇଛି। ଏହିସମୟ ମଧ୍ୟରେ ପ୍ରଶାସନ ପକ୍ଷରୁ ୬୪୯ ଥର ଚଢାଉ କରାଯାଇ ୧୨୦୧ ଗାଡିକୁ ଜବତ କରାଯାଇଛି।

ଖୋର୍ଦ୍ଧା ଜିଲାର ପଥର ଖଣିକୁ ଦେଖିଲେ ଅଧିକାଂଶ ଖଣି ପୁରୀ ଶ୍ରୀଜଗନ୍ନାଥଙ୍କ ଜମିରେ ରହିଛି। ସେପ୍ଟେମ୍ବର ୫ ତାରିଖ ସୁଦ୍ଧା ଜିଲାର ମୋଟ ୧୩୧ଟି ଖଣି ମଧ୍ୟରୁ ୬୫ଟି କାର୍ଯ୍ୟ କରୁଥିବା ରିପୋର୍ଟରୁ ଜଣାପଡିଛି। ତେବେ ଜିଲାରେ କାର୍ଯ୍ୟ କରୁଥିବା ବେଆଇନ କ୍ରଶର ୟୁନିଟ୍‌ଗୁଡିକ ଉପରେ କଡା ନଜର ରଖିବାକୁ ଆର୍‌ଡିସି ତାଗିଦ କରିଛନ୍ତି। ଜଟଣୀ ତହସିଲ ଅଞ୍ଚଳରୁ ବେଆଇନଭାବେ ପଥର ଉତ୍ତୋଳନ କରାଯାଇ ଡେଲାଙ୍ଗ ଓ କଣାସ ଅଞ୍ଚଳକୁ ଚାଲାଣ କରାଯାଉଥିବା ଜଣାପଡିଛି।

ବାଲି ଚୋରି କଟକ ଜିଲାରେ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଦିନ ଦ୍ୱିପ୍ରହରରେ ମହାନଦୀ, କୋଠଯୋଡି, ଲୁଣା, ଚିତ୍ରୋତ୍ପଳା ଓ ବିରୂପା ଆଦି ନଦୀରୁ ବେଆଇନଭାବେ ବାଲି ଚୋରି କରାଯାଉଛି। ସ୍ଥାନୀୟ ପୋଲିସ ଓ ତହସିଲ ପ୍ରଶାସନ ସହାୟତାରେ ଏଭଳି କରାଯାଉଥିବା ଅଭିଯୋଗ ହୋଇଛି। ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତା ଗିରଫ ହେବା ପରେ ସେମାନଙ୍କର ବାଲି ଘାଟ ଲିଙ୍କ ପଦାକୁ ଆସିଥିଲା। ଏହାପରେ କଟକ ସଦର ତହସିଲ ଅଞ୍ଚଳରେ ତହସିଲ ପ୍ରଶାସନ ଖୋଳତାଡ କରିବାରୁ ବଡ ଧରଣର ବାଲି ଚୋରି ର୍‍ୟାକେଟ ଧରାପଡିଥିଲା। ଲିଜ୍‌ଧାରୀମାନେ ଯେତିକି ଇଲାକା ଲିଜ୍ ସୂତ୍ରରେ ଆଣିଛନ୍ତି ତାହା ଠୁ ଅଧିକ ଇଲାକାରୁ ବାଲି ଉତ୍ତୋଳନ କରୁଥିବା ତଦନ୍ତରୁ ଜଣାପଡିଥିଲା। ଫଳରେ ଏହି ଲିଜ୍‌ଧାରୀମାନଙ୍କ ଉପରେ ଜରିମାନା ଲାଗୁ କରାଯାଇଥିଲା। ମୁଖ୍ୟତଃ ନଦୀର ସମ୍ବେଦନଶୀଳ ଅଞ୍ଚଳରୁ ବାଲି ଉତ୍ତୋଳନ କରାଯାଉଥିବାରୁ ଭବିଷ୍ୟତରେ ନଦୀର ଗତିପଥ ପରିବର୍ତ୍ତନ ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ ଆରଡିସିଙ୍କ କାର୍ଯ୍ୟାଳୟରେ ରାଜସ୍ୱ ଦାୟିତ୍ୱରେ ଥିବା ଅଧିକାରୀ ଏଲୋରା ଭାରତୀ ଜେନାଙ୍କୁ ପଚାରିବାରୁ ଲଘୁ ଖଣିଜଦ୍ରବ୍ୟ ଉପରେ କଡା ନଜର ରଖାଯାଇଛି। ଏହି ଚୋରିରେ ସାମିଲ ରହୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଥିଲେ।

## ପ୍ରଦୀପ୍ତ କିଶୋର ନନ୍ଦ ଥିଲେ ଦକ୍ଷ ଛାତ୍ର ସଙ୍ଗଠକ



ସ୍ମୃତିସଭାରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ, ୧୧।୧୨**

କଟକ ସୁରକ୍ଷା କମିଟି ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କିଶୋର ନନ୍ଦଙ୍କ ସ୍ମୃତିସଭା ଟାଉନ ହଲ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ସରୋଜ ସିଂ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ହାଇକୋର୍ଟର ପୂର୍ବତନ ବିଚାରପତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଯୋଗଦେଇ କହିଥିଲେ, ପ୍ରଦୀପ୍ତ କିଶୋର ନନ୍ଦ ଏକାଧାରରେ ଜଣେ ନାଟ୍ୟକାର, ଆଇନଜୀବୀ ଓ ସମାଜ ସଂସ୍କାରକ ଥିଲେ। ସେ ନିଜ ଜୀବନକାଳ ମଧ୍ୟରେ ସମାଜ ମଙ୍ଗଳ ପାଇଁ କାର୍ଯ୍ୟ କରୁଥିଲେ। ସେହିପରି ପୂର୍ବତନ ଆଡଭୋକେଟ୍ ଜେନେରାଲ ସୂର୍ଯ୍ୟପ୍ରସାଦ ମିଶ୍ର କହିଥିଲେ, ପ୍ରଦୀପ୍ତ କିଶୋର ନନ୍ଦ ଜଣେ ଦକ୍ଷ ଛାତ୍ର ସଙ୍ଗଠକ ଥିଲେ। ସେ ନିଜର ଦକ୍ଷତା ଦ୍ୱାରା ଅନେକ ଛାତ୍ରନେତା ତିଆରି କରିଥିଲେ ବୋଲି ମିଶ୍ର କହିଥିଲେ। ଏହି ଅବସରରେ ପ୍ରଦୀପ୍ତ କିଶୋର ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଅଜାତଶତ୍ରୁ' ନାମକ ଏକ ପୁସ୍ତକ ପ୍ରକାଶନ ପାଇଁ ସ୍ଥିର କରାଯାଇଥିଲା। ଏଥିରେ ଆଇନଜୀବୀ ଗଣେଶ୍ୱର ରଥ, ସୁରେନ୍ଦ୍ର କୁମାର ନନ୍ଦ, ଷ୍ଟିୱାର୍ଟ କଲେଜର ଅଧ୍ୟକ୍ଷ ଦେବାଶିଷ ଅଚାର୍ଯ୍ୟ, ଉଲ୍ଲାସ ମହାନ୍ତି ଓ ହିନ୍ଦୁସେନାର ସଭାପତି ଦେବାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୁଷମା ସଙ୍ଗୀତ ସଦନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରାଯାଉଛି।

### ବାଲି ଚୋରା ଚାଲାଣ: ବନ୍ଦ ହେଲା ପ୍ରତାପନଗରୀ ଘାଟ

**କଟକ ଅଫିସ, ୧୧।୧୨**

ସଦର ତହସିଲଦାର ସସ୍ମିତ ଗଡନାୟକ ପ୍ରତାପ ନଗରୀସ୍ଥିତ ବାଲି ଘାଟରେ ବୁଧବାର ଚଢାଉ କରିଛନ୍ତି। ଚଢ଼ାଉ ସମୟରେ ବାଲି ଚାଲାଣ ସମ୍ପର୍କିତ ରସିଦ ବହି ଏବଂ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି। ଲିଜ୍‌ଧାରୀଙ୍କ ଠାରୁ ବ୍ୟବହାର ହେଉଥିବା ବେନାମୀ ତଥା ଜାଲ ରସିଦ ବହି ତହସିଲଦାର ଜବତ କରିବା ସହ ବାଲିଘାଟକୁ ସମ୍ପୂର୍ଣ୍ଣ ରୂପେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି।

## ପ୍ରକଳ୍ପ ସ୍ଥାନାନ୍ତର ନେଇ ଦାବିପତ୍ର ପ୍ରଦାନ

**ଚୌଦ୍ୱାର,୧୧।୧୨(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ପକ୍ଷରୁ ପୌରପାଳିକାର ୧୭ନଂ. ୱାର୍ଡ ନୂଆସାହି ଅଞ୍ଚଳରେ ଥିବା ସରକାରୀ ଜମିରେ ବର୍ଜ୍ୟବସ୍ତୁ ସୂକ୍ଷ୍ମ ଅପଚୟ କେନ୍ଦ୍ର ଓ ଡମ୍ପିଂୟାର୍ଡ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଛି। ଏଥିରେ ଡମ୍ପିଂୟାର୍ଡ ପାଇଁ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସୂକ୍ଷ୍ମ ଅପଚୟ କେନ୍ଦ୍ର ପାଇଁ ଗତ ୪ତାରିଖରେ ବିଧାୟକ ସୌଭିକ ବିଶ୍ୱାଳ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଦୁଇ ପ୍ରକଳ୍ପକୁ ୱାର୍ଡବାସୀଙ୍କ ପକ୍ଷରୁ ବିରୋଧ କରାଯିବା ସହ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଟାଙ୍ଗୀ-ଚୌଦ୍ୱାର ତହସିଲଦାର, ପୌର ନର୍ବାହୀ ଅଧିକାରୀ, ଏଆରସିର ମୁଖ୍ୟ ଓ ଚୌଦ୍ୱାର ଥାନା ଆଇଆଇସିକୁ ୱାର୍ଡବାସୀଙ୍କ ପକ୍ଷରୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ଜନସାଧାରଣଙ୍କୁ ସଚେତନ କରା ନ ଯାଇ ଏହି ପ୍ରକଳ୍ପ ନିର୍ମାଣ କରାଯାଉଥିବା, ପ୍ରକଳ୍ପ ନିର୍ମାଣ ଦ୍ୱାରା ଜଳବାୟୁ ପ୍ରଦୂଷଣ ହେବା ସହିତ ପରିବେଶ ପ୍ରଦୂଷଣ ହେବା ଆଶଙ୍କା ରହିଛି। ଏହା ଦ୍ୱାରା ଗଉଡସାହି, ଚୁଡଙ୍ଗସାହି, ବାଣିପଦା ଓ ଚାଙ୍ଗୁଡିଆ ଗ୍ରାମାବାସୀ ପ୍ରଭାବିତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ହରିହର ରଣା, ହଂସ ଚରଣ ସାହୁ, ନୀଳକଣ୍ଠ ପ୍ରଧାନ,ସତ୍ୟବ୍ରତ ଦାସ, ବୈରାଗୀ ଚରଣ ପ୍ରଧାନ, ଦେବେନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ରଥଙ୍କ ସମେତ ୱାର୍ଡବାସୀ ଦାବି କରିଛନ୍ତି।

## ଆମ ଗାଁ ଆମ ବିକାଶ ଯୋଜନା ନିୟମରେ ପରିବର୍ତ୍ତନ

**କଟକ ସଦର,୧୧।୧୨(ଡି.ଏନ୍.ଏ.)**

**କଟକ ସଦର ବ୍ଲକ**

କଟକ ସଦର ବ୍ଲକରେ ଆମ ଗାଁ ଆମ ବିକାଶ ଯୋଜନା ନିୟମ ପରିବର୍ତ୍ତନକୁ ନେଇ ଜନ ଅସନ୍ତୋଷ ଦେଖାଯାଇଛି। ଏ ନେଇ ବୁଧବାର ବ୍ଲକର ଶତାଧିକ ବ୍ୟକ୍ତି ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡାଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ୨୦୧୮ ଡିସେମ୍ବରରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ପ୍ରକଳ୍ପର ଜମିଜମା କାଗଜପତ୍ର ଆବଶ୍ୟକ ହେଉଥିଲା। କିନ୍ତୁ ୨୦୧୯ରେ ବ୍ଲକ ପ୍ରଶାସନ ପକ୍ଷରୁ ଏହି ନିୟମର ପରିବର୍ତ୍ତନ କରାଯାଇଛି। ସୂଚନା ଅନୁଯାୟୀ, ଏହି ବ୍ଲକର ଉକ୍ତ ଯୋଜନାରେ ୨୨ଟି ପଞ୍ଚାୟତ ପାଇଁ ୨୯୦ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଇଥିଲା। ସେହି ସମୟରେ ତତ୍‌କାଳୀନ ବିଡିଓ ନିଜସ୍ୱ ଜାଗା ଥିବା ଅନୁଷ୍ଠାନକୁ ଏହି ଯୋଜନାରେ ସାମିଲ କରିବା ପାଇଁ ଅଗ୍ରାଧିକାର ଦେଇଥିଲେ। ବର୍ତ୍ତମାନ କେତେକ ପଞ୍ଚାୟତର କର୍ମକର୍ତ୍ତା ତହସିଲଦାରଙ୍କଠାରୁ ଜମି କିସମ ରିପୋର୍ଟ ଆଣି ସରକାରୀ ଜାଗାରେ ସ୍ଥାୟୀ ନିର୍ମାଣ କରିଛନ୍ତି। ଏହି ସମସ୍ତ କାର୍ଯ୍ୟ ବିଭାଗୀୟ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କରାଯାଇଛି। କଟକ ସଦର ତହସିଲଦାର ୮ଟି ପଞ୍ଚାୟତ ପାଇଁ କିସମ ରିପୋର୍ଟ ଦେଇଥିବା ବେଳେ କିଶନନଗର ତହସିଲଦାର ମଧ୍ୟ ଜଳସମ୍ପଦ ବିଭାଗ ଜାଗାରେ ଏହି କାମ ପାଇଁ ଏକା ପ୍ରକାରର ରିପୋର୍ଟ ଦେଇଛନ୍ତି। ଯାହା ସମ୍ପୂର୍ଣ୍ଣ ବେଆଇନ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗ ସଂକ୍ରାନ୍ତରେ ଭାରପ୍ରାପ୍ତ ବିଡିଓ ପଣ୍ଡାଙ୍କୁ ପଚାରିବାରୁ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ଖୁଣ୍ଟୁଣୀ,୧୧।୧୨(ଡି.ଏନ୍.ଏ.)**

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରବି ନାରାୟଣ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୁଣ୍ଟୁଣୀ ଥାନା ଏସ୍‌ଆଇ ନିରଞ୍ଜନ ସାହୁ, ବିପିନ ବିହାରୀ ପ୍ରଧାନ ଓ ଶ୍ୱେତକାନ୍ତ ବେହେରା ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ କ୍ଷେତ୍ରରେ ବାଳିକାମାନେ ନିଜର ଆତ୍ମରକ୍ଷା ପାଇଁ ପ୍ରଶିକ୍ଷଣ ଜରୁରି ବୋଲି ମତବ୍ୟକ୍ତ କରିଥିଲେ। କ୍ରିଡା ଶିକ୍ଷକ ସୁଧାକର ମାଳିଆଙ୍କ ତତ୍ତ୍ୱାବଧାନରେ ଟ୍ରେନର ଗୀତା ବେହେରା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ସୁରେନ୍ଦ୍ର ପେଣ୍ଟାଇ ଧନ୍ୟବାଦ ଦେଇଥିଲେ।

## ୪୦% ହାଇମାଷ୍ଟ, ଷ୍ଟ୍ରିଟ୍‌ଲାଇଟ ଅଚଳ

**କଟକ ଅଫିସ, ୧୧।୧୨**

**ଫନୀର ୭ ମାସ ବିତିଲା**

■ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ: ସିଡିଏ ବାସିନ୍ଦା

ଫନୀ ବାତ୍ୟାର ୭ମାସ ପରେ ବି କଟକ ସିଡିଏ ସେକ୍ଟର-୬ ଅଞ୍ଚଳରେ ୪୦ ପ୍ରତିଶତ ମିନି ହାଇମାଷ୍ଟ ଓ ଷ୍ଟ୍ରିଟଲାଇଟ ଅଚଳ ହୋଇ ରହିଛି। ଫନୀରେ କ୍ଷତିଗ୍ରସ୍ତ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ମରାମତି କରାଯାଇଥିଲେ ସୁଦ୍ଧା ଏଗୁଡ଼ିକରେ ଲାଗିଥିବା ଲାଇଟ୍ ମରାମତି କରାଯାଇ ନାହିଁ କି ନୂତନ ଲାଇଟ ଲଗାଯାଇନାହିଁ। ଏ ସମ୍ପର୍କରେ ମହାନଗର ନିଗମର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କମିଶନରଙ୍କ ନିର୍ଦ୍ଦେଶାନୁଯାୟୀ ପଦକ୍ଷେପ ନେବୁ ବୋଲି କହି ଏହି ପ୍ରସଙ୍ଗକୁ ଆଡ଼େଇ ଯାଇଥିଲେ। ଅନ୍ୟପକ୍ଷେ ଏ ନେଇ କମିଶନରଙ୍କୁ ସେକ୍ଟର-୬ର ବାସିନ୍ଦା ଲିଖିତ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ପଦକ୍ଷେପ ନିଆଯାଇ ନାହିଁ। ଦଶହରା ପୂର୍ବରୁ ଲାଇଟ ଗୁଡ଼ିକର ସଂଯୋଗ ଶେଷ ହେବା କଥା, କିନ୍ତୁ ତାହା ଆଜିପର୍ଯ୍ୟନ୍ତ ହୋଇନାହିଁ। ଫଳରେ ତାରିଣୀ ମନ୍ଦିର, ମର୍କତନଗର ୟୁପି ସ୍କୁଲ, ରାମମନ୍ଦିର, ଡିଏଭି ପବ୍ଲିକ ସ୍କୁଲ, ସିଡିଏ ଅଫିସ୍ ସମ୍ମୁଖ, ମାର୍କେଟ କମ୍ପ୍ଲେକ୍ସ, ଶିବ ମନ୍ଦିର ଅଞ୍ଚଳ ଅନ୍ଧକାର ରହୁଛି। କେତେକ ସ୍ଥାନରେ ଅନାବନା ଗଛଲତା ଦ୍ୱାରା ଢାଙ୍କି ହୋଇଯାଇଥିବାରୁ ଲାଇଟଗୁଡ଼ିକ ଦେଖାଯାଉ ନାହିଁ। ସେହିପରି ଫନୀରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ୨ଟି, ପୂର୍ବତନ ବିଚାରପତି ଭି. ନରସିଂହଙ୍କ ଘର ସମ୍ମୁଖ, ସଂଯୁକ୍ତା କ୍ଲିନିକଠାରେ ୩ଟି, ପ୍ରାଚୀ ନର୍ସିଂହୋମଠାରେ ୨ଟି, ସାର୍ଥକ ପ୍ୟାଲେସଠାରୁ ରାଧାକୃଷ୍ଣ ବିହାର ପର୍ଯ୍ୟନ୍ତ ୫ଟି, ବିଚାରପତି ସି.ଆର୍. ପାଲ୍‌ଙ୍କ ଘର ପାଖରେ ୧ଟି, ଅବକାରୀ କାର୍ଯ୍ୟାଳୟଠାରୁ ୱିଣ୍ଡସର ପ୍ୟାଲେସ ପର୍ଯ୍ୟନ୍ତ ୨ଟି ଖୁଣ୍ଟ ଏଭଳି ସର୍ବମୋଟ ୧୪ଟି ବିଦ୍ୟୁତ ଖୁଣ୍ଟ ସେସୁ ପକ୍ଷରୁ ପୋତାଯାଇଥିଲେ ମଧ୍ୟ ସେଗୁଡ଼ିକରେ କଟକ ମହାନଗର ନିଗମ ପକ୍ଷରୁ ଷ୍ଟ୍ରିଟଲାଇଟ ଲଗାଯାଇନାହିଁ। ଉକ୍ତ ଅଞ୍ଚଳ ଗୁଡ଼ିକ ଅନ୍ଧାର ରହୁଥିବାରୁ ଚୋରି ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସିଡିଏ ବାସିନ୍ଦା ଚେତାବନୀ ଦେଇଛନ୍ତି।



ସ୍ମୃତି ସଭାରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ଓଡ଼ିଆ ପ୍ରବନ୍ଧ ଓ ଅନୁବାଦ ସାହିତ୍ୟକୁ ସୁବୋଧଙ୍କ ଅବଦାନ ଅତୁଳନୀୟ

**କଟକ ଅଫିସ, ୧୧।୧୨**

କଟକ ସାରଳା ଭବନଠାରେ ଡ. ସୁବୋଧ କୁମାର ଚାଟାର୍ଜୀଙ୍କ ସ୍ମୃତି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ କହିଥିଲେ, ଓଡ଼ିଆ ପ୍ରବନ୍ଧ ଓ ଅନୁବାଦ ସାହିତ୍ୟକୁ ସୁବୋଧ କୁମାର ଚାଟାର୍ଜୀଙ୍କ ଅବଦାନ ଅତୁଳନୀୟ। ସେହିପରି କବି ସରୋଜ ରଞ୍ଜନ ମହାନ୍ତି ଯୋଗଦେଇ ଡ. ଚାଟାର୍ଜୀଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ମହେଶ୍ୱର ମହାନ୍ତି, ସାହିତ୍ୟ ସମାଲୋଚକ ବାବାଜୀ ଚରଣ ପଟ୍ଟନାୟକ, ଅବସର ପ୍ରାପ୍ତ ଆୟକର କମିଶନର ଅଶୋକ କୁମାର ଚାଟାର୍ଜୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଡ. ସୁବୋଧ କୁମାର ଚାଟାର୍ଜୀ ସ୍ମୃତି ସଂସଦର ଆବାହକ ଦେବୁ ପ୍ରସାଦ ଚାଟାର୍ଜୀ ସଭା ପରିଚାଳନା କରିଥିଲେ। ଡ. ଚାଟାର୍ଜୀଙ୍କ ସ୍ମୃତିରେ ପୁସ୍ତିକା 'ସାହିତ୍ୟ ସାଧକ ସୁବୋଧ' ଉନ୍ମୋଚିତ ହୋଇଥିଲା।

### ୩୭୩ ପଞ୍ଚାୟତର ଭୋଟର ତାଲିକା ସଂଶୋଧନ ଆରମ୍ଭ

**କଟକ ସଦର,୧୧।୧୨(ଡି.ଏନ୍.ଏ.)**

କଟକ ଜିଲା ପରିଷଦର ୭ନଂ. ଜୋନ ପାଇଁ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ କରାଯିବ। ଏ ନେଇ ଜିଲାର ୧୪ଟି ବ୍ଲକର ୩୭୩ଟି ପଞ୍ଚାୟତରେ ଭୋଟର ତାଲିକା ସଂଶୋଧନ ଆରମ୍ଭ ହୋଇଛି। ଏହି ସଂଶୋଧନ କାର୍ଯ୍ୟ ଡିସେମ୍ବର ୨୭ତାରିଖ ପର୍ଯ୍ୟନ୍ତ ଚାଲିବ। ତଫସିଲଭୁକ୍ତ ଜାତି ପାଇଁ ସଂରକ୍ଷିତ ଉକ୍ତ ଆସନ ଲାଗି କିଶନନଗର ଅଞ୍ଚଳର ୮ଟିପଞ୍ଚାୟତରେ ଭୋଟରମାନେ ମତଦାନ କରିପାରିବେ। ମାତ୍ର ଜିଲାପରିଷଦ ଆସନ ପାଇଁ ସମଗ୍ର କଟକ ଜିଲାକୁ ୟୁନିଟଭାବେ ନିଆଯାଇଥିବାରୁ ସମସ୍ତ ବ୍ଲକର ପଞ୍ଚାୟତଗୁଡ଼ିକରେ ଭୋଟର ତାଲିକା ସଂଶୋଧନ କରାଯିବ। ଏହି ଆସନ ପାଇଁ ସମସ୍ତ ବ୍ଲକ ଅଞ୍ଚଳର ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବାର ନିୟମ ରହିଛି। ଉକ୍ତ ଆସନଟି ସଭ୍ୟ ଗୋବିନ୍ଦ ସାମଲଙ୍କ ଦେହାନ୍ତ ପରେ ଖାଲି ପଡିଛି।

## ସିଟିବସ୍‌ରୁ ଚୋରି ହେଉଛି ସ୍କ୍ରାପ

**କଟକ ଅଫିସ,୧୧।୧୨**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ବିକାଶ ଭବନ ନିକଟରେ ପଡ଼ି ରହିଥିବା କେତେକ ସିଟିବସ୍‌ରୁ ସ୍କ୍ରାପ ଚୋରି ହେଉଥିବା ଅଭିଯୋଗ ହୋଇଛି। କେତେଜଣ ଅସାଧୁ ବ୍ୟକ୍ତି ଏଭଳି କରୁଥିବାବେଳେ କେହି ଏହାର ପ୍ରତିବାଦ କରୁନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଟକ ସହରର ବିଭିନ୍ନ ସ୍ଥାନ ସହିତ ସଦର ମହକୁମାକୁ ଲୋକଙ୍କ ସୁବିଧା ଯାତାୟାତ ପାଇଁ ସିଟିବସ୍ ଚଳାଚଳ ଆରମ୍ଭ ହୋଇଥିଲା। ମାତ୍ର ସିଏମସି ଏହାକୁ ବେଶିଦିନ ଚଳାଇ ପାରି ନ ଥିଲା। ଫଳରେ ୨୦୧୬ରୁ ଏହି ସେବା ବନ୍ଦ ରହିଥିବାରୁ ଯାତ୍ରୀମାନେ ହଇରାଣ ହୋଇଥିଲେ। ଗତ ଅକ୍ଟୋବରରେ ସିଏମ୍‌ସିର ପଡ଼ି ରହିଥିବା ୫୦ରୁ ଊର୍ଦ୍ଧ୍ୱ ନୂତନ ସିଟିବସ୍‌କୁ ସିଏମ୍‌ସି କର୍ତ୍ତୃପକ୍ଷ କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆରୟୁଟି)କୁ



ହସ୍ତାନ୍ତର କରିଥିଲେ। ଗତ ସେପ୍ଟେମ୍ବର ୨୬ ତାରିଖରେ ସିଏମ୍‌ସି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଅକ୍ଟୋବର ୨୫ ତାରିଖ ମଧ୍ୟରେ ବସ୍‌ଗୁଡ଼ିକୁ ସିଆରୟୁଟିକୁ ହସ୍ତାନ୍ତର କରାଯାଇଥିଲା। ହେଲେ ଆଉ କିଛି ସିଟିବସ୍ ବିକାଶ ଭବନ ପରିସରରେ ରହିଥିବାବେଳେ ସେଥିରୁ ସ୍କ୍ରାପ ଚୋରି ହେଉଛି। ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ ସୁଇଚ୍ ଅଫ୍ ଥିଲା। ସେହିପରି ସିଏମ୍‌ସି ସଚିବ ଲତାଶ୍ରୀ ବାଗ୍‌ଙ୍କୁ ପଚାରିବାରୁ ଏ ସମ୍ପର୍କରେ ମୋ ପାଖରେ କୌଣସି ସୂଚନା ନାହିଁ। କମିଶନର ହିଁ ଯାହା କହିପାରିବେ ବୋଲି କହିଥିଲେ।

